୨୦୨୧ ନବବର୍ଷକୁ ସ୍ୱାଗତ କରି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି ସାପ୍ତାହିକ ସମ୍ବାଦପତ୍ର 'ନିଷ୍କର୍ଷ' । ଏହା କାମଳ ସାମ୍ବାଦିକତା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବା ସହ ଜନସାଧାରଣଙ୍କ ଅଧିକାର ପାଇଁ ସଂଗ୍ରାମ ଓ ସାଧାରଣ ଜନତାଙ୍କ ସ୍ୱର ଭାବେ କାର୍ଯ୍ୟ କରୁଛି । ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ସହିତ ସରକାର-ପ୍ରଶାସନର ବିଭିନ୍ନ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହାର ସୃଷ୍ଟି । - ପ୍ରକାଶକ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Chhanle. Nishkarsha Media
www.nishkarsha.com
www.nishkarsha.in

♦ VOLUME - 02 ♦ ISSUE- 02 ♦ CUTTACK ♦ 11 TO 17 - JANUARY, 2021 ♦ 8 PAGE ♦ RATE- 5/- ■ ବର୍ଷ - ୦୨ ♦ ସଂଖ୍ୟା -୦୧ ♦କଟକ♦ ୧୧ରୁ୧୭, ଜାନୁଆରୀ, ୨୦୨୧♦ ପୃଷ୍ଠା-୮♦ ମୂଲ୍ୟ- ୫ ଟଙ୍କା

### ପୁନାୱାଲା ଓ କ୍ରିଷ୍ଣାଙ୍କ ମିଳିତ ପ୍ରତିଶ୍ରୁତି
## 'କରୋନା ମୁକ୍ତ ବିଶ୍ୱ ପାଇଁ ଉଦ୍ୟମ ଅବ୍ୟାହତ ରଖିବୁ'




**ପୁନେ(ଏଜେନ୍ସି):** ବିଶ୍ୱ ସମାଜକୁ କରୋନା କବଳରୁ ମୁକ୍ତ କରିବା ପାଇଁ ଏବେ ବିଭିନ୍ନ ରାଷ୍ଟ୍ରରେ ଉଦ୍ୟମ ଅବ୍ୟାହତ ରହିଥିବା ବେଳେ ଭାରତ ଏଦିଗରେ ଅନେକ ବାଟ ଆଗେଇ ପାରିଛି । କିଛି ମାସ ତଳେ ଚୀନ୍‌ର ୟୁହାନ୍‌ରୁ ଆରମ୍ଭ ହୋଇଥିବା ଏହି ମହାମାରୀ କବଳରେ ଏବେ ସାରା ବିଶ୍ୱ ଆଉଟୁପାଉଟୁ ହେଉଥିବା ବେଳେ କିଛି ରାଷ୍ଟ୍ରରେ ଆରମ୍ଭ ହୋଇଥିବା ଟିକାକରଣ ବିଶ୍ୱବାସୀଙ୍କ ପାଇଁ କିଛିଟା ଆଶ୍ୱାସନ ଆଣିଛି । ଭାରତର ଦୁଇ ପ୍ରତିଷ୍ଠିତ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ(ଏସ୍‌ଆଇଆଇ) ଏବଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟିକା ଭାରତ ସମେତ ଅନ୍ୟାନ୍ୟ ବହୁ ରାଷ୍ଟ୍ରରେ କରୋନାମୁକ୍ତ ଅଭିଯାନ ପାଇଁ ସହାୟକ ହୋଇପାରିବ ଏବଂ ବିଶ୍ୱବାସୀଙ୍କୁ ରାହା ଦେବା ପାଇଁ ଏହି ଦୁଇ କମ୍ପାନୀ ନିଷ୍ଠାପର ଉଦ୍ୟମ କରିବେ ବୋଲି ଘୋଷଣା କରିଛନ୍ତି । ଭାରତ ସମେତ ବିଭିନ୍ନ ରାଷ୍ଟ୍ରର ଟିକାକରଣ ବ୍ୟବସ୍ଥା ପାଇଁ ଏହି ଦୁଇ କମ୍ପାନୀ ସହଯୋଗ କରିବା ସହିତ ଶୃଙ୍ଖଳିତ ଉପାୟରେ ଟିକା ଯୋଗାଣକୁ ନିଶ୍ଚିତ କରିବାକୁ ଉଭୟ କମ୍ପାନୀ ଗୁରୁତ୍ୱ ଦେବେ ବୋଲି ଏସ୍‌ଆଇଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦର ପୁନାୱାଲା ଏବଂ ଭାରତ ବାୟୋଟେକ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଣା ଇଲା ମିଳିତ ଭାବେ ଜଣାଇଛନ୍ତି । ସେମାନେ କହିଛନ୍ତି ଯେ, କେବଳ ଭାରତ ନୁହେଁ; ସାରା ବିଶ୍ୱରେ ଏହି ମହାମାରୀ କବଳରୁ ଲୋକଙ୍କ ରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ । ଟିକା ଦ୍ୱାରା ବିଶ୍ୱସମାଜକୁ ଏହି ଚ୍ୟାଲେଞ୍ଜରୁ ମୁକ୍ତ କରାଯାଇ ପାରିବ ଏବଂ ଲୋକଙ୍କ ଜୀବନ ଚଳଣିକୁ ସ୍ୱାଭାବିକ ମଧ୍ୟ କରାଯାଇପାରିବ । କେବଳ ସେତିକି ନୁହେଁ; ସମାଜ ସ୍ୱାଭାବିକ ହେଲେ ଅର୍ଥନୀତି ଠାରୁ ଆରମ୍ଭ କରି ଶିଳ୍ପ ସେବା ଭଳି ଅନେକ

ଅବଶିଷ୍ଟ- ପୃଷ୍ଠା- ୭ରେ

## ବଜେଟ ଅଧିବେଶନ ଜାନୁଆରୀ ୨୯ରୁ



**ନୂଆଦିଲ୍ଲୀ(ଏଜେନ୍ସି):** ଦେଶରେ ଚଳିତ ବର୍ଷ ବଜେଟ ଅଧିବେଶନ ହେବାକୁ ଯାଉଛି । ଆସନ୍ତା ଜାନୁଆରୀ ମାସ ୨୯ ତାରିଖରୁ ଫେବୃଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ସଂସଦର ବଜେଟ ଅଧିବେଶନ ହେବ । ଏହା ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ବୋଲି ଜଣାପଡ଼ିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି । ମାର୍ଚ୍ଚ ୮ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସୌଜନ୍ୟରୁ ଜଣାପଡିଛି । ଏହି ଅଧିବେଶନରେ ପ୍ରତ୍ୟେକ ଦିନ ସଂସଦର ଉଭୟ ଗୃହ ଚାରି ଘଣ୍ଟା ପାଇଁ କାର୍ଯ୍ୟ କରିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ତେବେ ଗତବର୍ଷ କୋଭିଡ୍ ଯୋଗୁଁ କେନ୍ଦ୍ର ସରକାର ଶୀତକାଳୀନ ଅଧିବେଶନକୁ ବାତିଲ କରିଥିବାରୁ ଆଗାମୀ ବଜେଟ ଅଧିବେଶନରେ ବିରୋଧୀ ଦଳଗୁଡିକ କୃଷକ ଆନ୍ଦୋଳନ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ତଥା ସ୍ପର୍ଶକାତର ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିବେ ବୋଲି ଅନୁମାନ କରାଯାଉଛି ।

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ
## ୭ଜଣ ଅଧିକାରୀଙ୍କୁ ବାଧ୍ୟତା ମୂଳକ ଅବସର

**ଭୁବନେଶ୍ୱର(ଏନ୍.ଏମ୍.):** ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଠୋର ଆଭିମୁଖ୍ୟ ଜାରି ରହିଛି । ଯାହାଦ୍ୱାରା ଜଣେ ଜେଲ ଡିଆଇଜିଙ୍କ ସମେତ ୭ ଅଧିକାରୀ ଚାକିରୀ ହରାଇଛନ୍ତି । ରାଜ୍ୟ ସରକାର ଦୁର୍ନୀତି ପାଇଁ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଗତ ଡିସେମ୍ବର ୩୦ରେ ୬ ଅଧିକାରୀଙ୍କୁ ଅନୁରୂପ ଭାବେ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେଇଥିଲେ ସରକାର । ଗୋଟିଏ ବର୍ଷ ଭିତରେ ୧୧୦ଦୁର୍ନୀତିଖୋର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଜଣାପଡ଼ିଛି । ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅଧିକାରୀଙ୍କ ଭିତରେ ଜେଲ୍ ବିଭାଗର ଡିଆଇଜି ଗୋପବନ୍ଧୁ ମଲ୍ଲିକ୍ ସର୍ବାଗ୍ରେ ରହିଛନ୍ତି । ସେ ନିଜ ପଦବୀର ବାରମ୍ବାର ଅପବ୍ୟବହାର କରିଥିବା ଅଭିଯୋଗ ଉଠିଥିଲା । ଜେଲ ୱାର୍ଡର ଚୟନ ନିମନ୍ତେ ଥିବା କମିଟିର ମୁଖ୍ୟ ଭାବରେ ସେ ଚୟନ ପ୍ରକ୍ରିୟାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବାର ଅଭିଯୋଗ ହୋଇଥିଲା । ସେହିଭଳି ବିଦା ହୋଇଥିବା ଅନ୍ୟ ଛଅ ଅଧିକାରୀଙ୍କ ମଧ୍ୟରେ କୋରାପୁଟ ନନ୍ଦପୁର ସିଡିପିଓ ସ୍ନିଗ୍ଧାରାଣୀ ମିଶ୍ର, ଡିଏସ୍‌ପି ଗୌତମ ମଲ୍ଲିକ, ଓଡ଼ିଶା ସଶସ୍ତ୍ର ପୁଲିସ୍ କମାଣ୍ଡାଣ୍ଟ ଏକାନ୍ତ ପ୍ରିୟ ନାୟକ, ଓଡ଼ିଶା ସଶସ୍ତ୍ର ପୁଲିସ ସେବାର ଡେପୁଟି କମାଣ୍ଡାଣ୍ଟ ଦେବେନ୍ଦ୍ର ନାଥ ବେହେରା, କନିଷ୍ଠ ଖଣି ଅଧିକାରୀ ସତ୍ୟବ୍ରତ ରାଉତ ଓ କନିଷ୍ଠ ଖଣି ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଅନ୍ତର୍ଭୁକ୍ତ । ନିଲମ୍ବିତ ହୋଇଥିବା

ଅବଶିଷ୍ଟ- ପୃଷ୍ଠା- ୭ରେ

## ବନ୍ଧୁ ମିଳନ ଓ କମ୍ବଳ ବଣ୍ଟନ ଉତ୍ସବ




**ଚୌଦ୍ୱାର (ଏନ୍.ଏମ୍.):** ଓଟିଏମ କଲୋନୀ ତଥା ଚୌଦ୍ୱାର ପୌରାଞ୍ଚଳର ୮ନମ୍ବର ୱାର୍ଡ ସ୍ଥିତ ମା'ତାରିଣୀ ମନ୍ଦିର ପରିଚାଳନା କମିଟିର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଞ୍ଚଳର ଶତାଧିକ ଗରିବ, ଅସହାୟଙ୍କୁ କମ୍ବଳ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ ଯୋଗଦେଇ ଅନ୍ୟର ଦୁଃଖକୁ ନିଜର ଦୁଃଖ ବୋଲି ଭାବିଲେ ଜଣେ ପ୍ରକୃତ ସମାଜସେବୀ ହୋଇ ପାରିବ; ତେଣୁ ଏହି ଅନୁଷ୍ଠାନର କର୍ମକର୍ତ୍ତାମାନେ ଗରିବ ଅସହାୟଙ୍କ ଯନ୍ତ୍ରଣାକୁ ହୃଦବୋଧ କରି ଏଭଳି କାର୍ଯ୍ୟକ୍ରମ ହାତକୁ ନେଇ ମାନବ ସେବା- ମାଧବସେବାକୁ ପ୍ରତିପାଦିତ

ଅବଶିଷ୍ଟ- ପୃଷ୍ଠା- ୭ରେ

### ଓଡ଼ିଶାରେ ପୁଞ୍ଜିନିବେଶ ଜାରି
## ରାଜ୍ୟରେ ୪ହଜାର ୬୩୧ ନିଯୁକ୍ତି ସୁଯୋଗ !




**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟ ସରକାର ବିଭିନ୍ନ କମ୍ପାନୀର ୬,୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି । ୨୫ତମ ହାଇଲେଭେଲ୍ କ୍ଲିଏରାନ୍ସ ଅଥରିଟି ବୈଠକରେ ଏହି ଅନୁମୋଦନ ମିଳିଛି । ନବୀନ ନିବାସରୁ ଭିଡିଓ କନଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ବୈଠକରେ ଅଧ୍ୟକ୍ଷତା କରିଥିଲେ । କରୋନା ସତ୍ତ୍ୱେ ରାଜ୍ୟରେ ପୁଞ୍ଜି ନିବେଶ ଜାରି ରହିଛି । ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ଓ ସ୍ଥିର ଶାସନ ଯୋଗୁଁ ଏହି ସଫଳତା ମିଳିଛି । ୨୦୨୦ ଫେବୃଆରୀଠାରୁ ରାଜ୍ୟରେ ମୋଟ୍ ୧ଲକ୍ଷ ୧୯ହଜାର ୨୧୪ କୋଟି ୭୨ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିସାରିଛି । ତେଣୁ ୨୦ରାଜ୍ୟ ଭିତରେ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ ବା 'ଇପିକଲ୍' ଦେଶର 'ଟପ୍ ପରଫରମର୍' ଭାବେ ପୁରସ୍କୃତ ହୋଇଛି । ଇନଭେଷ୍ଟ ଇଣ୍ଡିଆ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ହୋଇଥିବା ଏହି ସର୍ଭେରେ ଓଡ଼ିଶା ୯୮ ପ୍ରତିଶତ ମାର୍କ ରଖିବାର ସଫଳ ହୋଇଛି । ହାଇଲେଭେଲ୍ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ୫,୩୫୮ କୋଟି ଟଙ୍କାର ପୁଞ୍ଜିନିବେଶକୁ ମଞ୍ଜୁରୀ ମିଳିଥିବା ବେଳେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ୧,୦୮୫ କୋଟି ଟଙ୍କା ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଏହିଭଳି ମୋଟ୍ ୬,୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ବୈଠକରେ ମଞ୍ଜୁରୀ ମିଳିଛି । ମୋଟ୍ ୮ଟି ପ୍ରକଳ୍ପ ଯୋଗୁଁ ରାଜ୍ୟରେ ୪,୬୩୧ ଜଣ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ଆକଳନ କରାଯାଇଛି । ହାଇ ଲେଭେଲ୍ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ମଞ୍ଜୁରି ମିଳିଥିବା ୫,୩୫୮କୋଟି ଟଙ୍କାର ପୁଞ୍ଜିନିବେଶ ଭିତରେ ମେଟାଲ, ସିମେଣ୍ଟ, ରିଫାଇନାରୀ ଓ ପେଟ୍ରୋକେମିକାଲ ଶିଳ୍ପ ଭଳି ୩ଟି ବଡ଼ ପ୍ରକଳ୍ପ ରହିଛି ।

ଅବଶିଷ୍ଟ- ପୃଷ୍ଠା- ୭ରେ

## ମାଓ କ୍ୟାମ୍ପରେ ପୁଲିସର ଚଢ଼ାଉ
## ଖସିଗଲେ ୧୫ ମାଓବାଦୀ

**ଫୁଲବାଣୀ (ଏନ୍.ଏମ୍.):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ଚକାପାଦ ଥାନା ଲେଙ୍ଗେରିମୁଣ୍ଡା ଜଙ୍ଗଲରେ ଗୁରୁବାର ମାଓବାଦୀଙ୍କ ସହ ଡିଭିଏଫ ଏବଂ ଏସଓଜି ଯବାନ ମୁହାଁମୁହିଁ ହୋଇଥିଲେ । ଆତ୍ମସମର୍ପଣ କରିବାକୁ କୁହାଯାଇଥିଲେ ବି ମାଓବାଦୀମାନେ ତୁହାକୁ ତୁହା ଗୁଳି ଓ ଗ୍ରେନେଡ ମାଡ କରିଥିଲେ । ଯବାନମାନେ ବି ପାଲଟା ଗୁଳି ଚାଳନା କରିଥିଲେ । ୨୦ ମିନିଟ ପରସ୍ପର ଗୁଳି ବିନିମୟ ପରେ ୧୫ ମାଓବାଦୀ ଖସି ଯାଇଥିଲେ ବୋଲି ଗତ ୮ତାରିଖ ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ବିନୀତ ଅଗ୍ରୱାଲ କହିଛନ୍ତି । କିଛିଦିନ ମଧ୍ୟରେ ଏକାଧିକ ଥର ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଜଙ୍ଗଲ ଘଂଚ ଥିବାରୁ ମାଓବାଦୀଙ୍କୁ ମଉକା ମିଳୁଛି । ସେମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି । ଏସପି କହିଥିଲେ ଯେ, ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ ଖବର ମିଳିବାପରେ ଗତ ୬ ତାରିଖ ଏସଓଜି ଏବଂ ଡିଭିଏଫ ଜବାନ କୋମ୍ବିଂ ଆରମ୍ଭ କରିଥିଲେ । ୭ ତାରିଖ ସକାଳେ ଲେଙ୍ଗେରିମୁଣ୍ଡା ଜଙ୍ଗଲରେ ଯବାନମାନେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ ।

## ଯାତ୍ରୀଙ୍କ ସୁବିଧା ପାଇଁ
## ଭୁବନେଶ୍ୱର- ବାଙ୍ଗିରିପୋଷି ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର(ଏନ୍.ଏମ୍.):** ଯାତ୍ରୀଙ୍କ ସୁବିଧା ପାଇଁ ଭୁବନେଶ୍ୱର ଏବଂ ବାଙ୍ଗିରିପୋଷି ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ୦୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ସ୍ପେଶାଲ ଜାନୁଆରୀ ୧୨ ତାରିଖରୁ ଫେବୃଆରୀ ୨୮ ତାରିଖ ମଧ୍ୟରେ ଭୁବନେଶ୍ୱରରୁ ପ୍ରତିଦିନ ସନ୍ଧ୍ୟା ୭ଟା ୩୦ମି.ରେ ଛାଡ଼ି ବାଙ୍ଗିରିପୋଷିରେ ରାତି ୧୨ଟା ୫ମି.ରେ ପହଞ୍ଚିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଫେରିବା ମାର୍ଗରେ ୦୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ସ୍ପେଶାଲ ଜାନୁଆରୀ ୧୩ ତାରିଖରୁ ମାର୍ଚ୍ଚ ୧ ମଧ୍ୟରେ ବାଙ୍ଗିରିପୋଷିରୁ ପ୍ରତିଦିନ ଭୋର୍ ୪ଟା ୨୦ମି.ରେ ଛାଡ଼ି ଭୁବନେଶ୍ୱରରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିବ । ଏହି ଟ୍ରେନ୍ ଉଭୟ ଦିଗରୁ ଭୁବନେଶ୍ୱର ଏବଂ ବାଙ୍ଗିରିପୋଷି ମଧ୍ୟରେ କଟକ, ଯାଜପୁର, କେନ୍ଦୁଝର ରୋଡ୍, ଭଦ୍ରକ, ମାର୍କୋଣା, ସୋର, ବାଲେଶ୍ୱର, ରୂପ୍‌ସା, ଠାକୁରତୋଟା, ଜଗପୁରା, ଜୋଗଲ୍, ବେତନଟୀ, କୃଷ୍ଣଚନ୍ଦ୍ରପୁର ଏବଂ ବାରିପଦା ଷ୍ଟେସନମାନଙ୍କରେ ରହଣି କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

### ଆର୍‌ଏସ୍‌ପିରେ ବିଷାକ୍ତ ଗ୍ୟାସ୍ ଲିକ
## ୪ ଜଣ ଶ୍ରମିକଙ୍କ ମୃତ୍ୟୁ, ୨ ଡିଜିଏମ୍ ସସ୍‌ପେଣ୍ଡ



**ରାଉରକେଲା (ଏନ୍.ଏମ୍.):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆର୍‌ଏସ୍‌ପି)ରେ ପୁଣି ଦୁର୍ଘଟଣା । କାମ କରୁଥିବାବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୪ ଜଣ ଶ୍ରମିକଙ୍କ ଜୀବନ ଯାଇଛି । ଆର୍‌ଏସ୍‌ପି କୋଲ୍ କେମିକାଲ ୟୁନିଟ୍‌ରେ ଏହି ବଡ଼ ଧରଣର ଅଘଟଣ ଘଟିଛି । ଗତ ୬ତାରିଖ ସକାଳ ପ୍ରାୟ ୯ଟା । ପ୍ଲାଣ୍ଟର କୋଲ୍ କେମିକାଲ ୟୁନିଟରେ ଶ୍ରମିକମାନେ ଗ୍ୟାସ୍ ଚାମ୍ବର ମରାମତି କାମ କରୁଥିବାବେଳେ ହଠାତ ଲିକ୍ ହୋଇଥିଲା ବିଷାକ୍ତ କାର୍ବନ ମନୋକସାଇଡ୍ ଗ୍ୟାସ୍ । ଫଳରେ ଅସୁସ୍ଥ ହୋଇପଡ଼ିଥିଲେ ପ୍ରାୟ ୧୦ରୁ ଅଧିକ ଶ୍ରମିକ । ଅଘଟଣ ପରେ ତୁରନ୍ତ ଅସୁସ୍ଥଙ୍କୁ ଉଦ୍ଧାର କରାଯାଇ ଆଇଜିଏଚ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ହେଲେ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ ୪ ଶ୍ରମିକ । ଅନ୍ୟମାନେ ଏବେ ବି ଚିକିତ୍ସାଧୀନ ଅଛନ୍ତି । କାର୍ବନ ମନୋକ୍ସାଇଡ ପ୍ରଭାବରେ ଏପରି ଘଟିଥିବା କୁହାଯାଇଛି । ମୃତକମାନେ ହେଉଛନ୍ତି ଲାଠିକଟା ବ୍ଲକ୍ ଅନ୍ତର୍ଗତ କୁଲାମେଡ଼ା ଗ୍ରାମର ଅଭିମନ୍ୟୁ ସା (୩୩), ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ କନଷ୍ଟ୍ରକ୍ସନ କଲୋନୀର ରବୀନ୍ଦ୍ର ସାହୁ(୫୯), ଗଣେଶ ପାହିଲ(୫୫), ସେକ୍ଟର-୭ ଅନ୍ତର୍ଗତ ସେକ୍ଟର-୫ କବିସମ୍ରାଟପଲ୍ଲୀ ଗୋଲଘର ବସ୍ତିର ବ୍ରହ୍ମାନନ୍ଦ ପଣ୍ଡା(୫୧) ବୋଲି ଜଣାପଡ଼ିଛି । ଏହି ୪ଜଣ ଷ୍ଟାର୍ କନଷ୍ଟ୍ରକ୍ସନ ନାମକ ଘରୋଇ ଠିକା ସଂସ୍ଥାରେ କାମ କରୁଥିଲେ । ତେବେ ପ୍ରକୃତରେ କେଉଁ କାରଣରୁ ଗ୍ୟାସ ଲିକ୍ ହୋଇଥିଲା ଏବଂ କେତେ ଜଣ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଘଟଣାରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ୨ଜଣ ଡିଜିଏମ୍‌ଙ୍କୁ ନିଲମ୍ବିତ କରିଛନ୍ତି । ସେମାନେ ହେଲେ ସିସିଡି ବିଭାଗର ଏନ୍. ଦାସ ଓ ଏନର୍ଜି ମ୍ୟାନେଜମେଣ୍ଟର ଜି. ବାରିକ । ଉଭୟଙ୍କୁ ନିଲମ୍ବନ ନୋଟିସ ଜାରି କରାଯାଇଛି । ସେହିପରି ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ଚାକିରି ପ୍ରଦାନ ସହ ଅନ୍ୟାନ୍ୟ କ୍ଷତିଭରଣା ପ୍ରଦାନ କରାଯାଇଛି । ଠିକା ସଂସ୍ଥାପକ୍ଷରୁ ସ୍ୱତ୍ତ୍ୱାଧିକାରୀ ରଞ୍ଜିତ ଦାସ ପରିବାର ପିଛା ୨ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରିଛନ୍ତି । ଘଟଣା ପ୍ରଚାର ହେବା ମାତ୍ରକେ ଶ୍ରମିକଙ୍କ ସମ୍ପର୍କୀୟ ଆର୍‌ଏସ୍‌ପି ଓ ଆଇଜିଏଚ୍ ସାମ୍ନାରେ ଭିଡ଼ ଜମାଇଥିଲେ । ଉଭୟ ସ୍ଥାନରେ ସୃଷ୍ଟି ହୋଇଥିଲା ଶୋକାକୂଳ ପରିବେଶ । ଦୁର୍ଘଟଣା ଖବର ପାଇ ଘଟଣାସ୍ଥଳକୁ ଆସିଥିଲେ ବିଭିନ୍ନ ଶ୍ରମିକ ସଂଗଠନ ନେତା ଓ ସ୍ଥାନୀୟ ଲୋକ ପ୍ରତିନିଧି । ପ୍ଲାଣ୍ଟରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଏଥିପାଇଁ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଓ ବେପରୁଆ ମନୋଭାବକୁ ଦାୟୀ କରିଥିଲେ । ଏପରିକି ଆଜିର ଅଘଟଣ ପୂର୍ବରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସୁରକ୍ଷା ପ୍ରୋଟକଲ ଉଲ୍ଲଂଘନ କରିଥିବା ଅଭିଯୋଗ ସହ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ବିଭାଗୀୟ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଚାକିରି ଆଦି ଦାବି ଉଠାଇଥିଲେ । ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ ଏଭଳି ଦୁର୍ଘଟଣା ନୂଆ ନୁହେଁ । ୨୦୧୨, ୨୦୧୫, ୨୦୧୭ରେ ଦୁର୍ଘଟଣା ଘଟି ଏକାଧିକ ଲୋକଙ୍କ ଜୀବନ ଯାଇଛି । ଆଜିର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାର ପିଛା ଅଢେଇ ଲକ୍ଷ ଟଙ୍କାର କ୍ଷତିପୂରଣ, ଜଣକୁ ଚାକିରି, ଆଗକୁ ଶ୍ରମିକଙ୍କ ପାଇଁ ଗ୍ରୁପ୍ ଇନସୁରାନ୍ସ ସୁବିଧା ଭଳି ଦାବିକୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ମାନି ନେଇଛନ୍ତି । ଦୁର୍ଘଟଣା ପରେ ମୃତକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଗଭୀର ଶୋକ ଜଣାଇଛନ୍ତି ।

## ୧୧.୪୨ଲକ୍ଷ ବିଦେଶୀ ପକ୍ଷୀଙ୍କ ଚିଲିକା ଆଗମନ



**ବାଲୁଗାଁ (ଏନ୍.ଏମ୍.):** ଚଳିତ ବର୍ଷ ଚିଲିକାକୁ ୧୧.୪୨ଲକ୍ଷ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡ଼ିଛି । ଗତବର୍ଷଠାରୁ ଏହି ସଂଖ୍ୟା ୧ଲକ୍ଷ ଅଧିକ ରହିଛି । ଲଗାତାର ଭାବେ ୨ ବର୍ଷ ହେବ ୧୦ ଲକ୍ଷରୁ ଅଧିକ ପକ୍ଷୀ ଚିଲିକା ଆସୁଛନ୍ତି । ଚଳିତ ବର୍ଷ ଅଧିକ ୬ ପ୍ରଜାତିର ପକ୍ଷୀ ଆସିଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସିଇଓ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି । ୧୯୦ ପ୍ରଜାତିର ମୋଟ୍ ୧୧ ଲକ୍ଷ ୪୨ ହଜାର ୮୨୬ ପକ୍ଷୀ ଚିଲିକା ଆସିଥିବା ଜଣାପଡ଼ିଛି । ଯାହା ପୂର୍ବବର୍ଷ ଅପେକ୍ଷା ୧ଲକ୍ଷ ୩୭ ହଜାର ୭୮୬ ଅଧିକ ରହିଛି । ଏସିଆ

ଅବଶିଷ୍ଟ- ପୃଷ୍ଠା- ୭ରେ

## ସାମ୍ବାଦିକ/ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ
ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଣ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ
ମୋବାଇଲ ନମ୍ବର:9937619039/ 8895134289
nishkarsha.editor@gmail.com




## ସେଲିବ୍ରିଟି ଜୀବନୀ

# ରାଜକୁମାର ରାଓ



ବର୍ତ୍ତମାନ ବଲିଉଡ୍‌ର ଲୋକପ୍ରିୟ ତଥା ଆଗଧାଡ଼ିର ଅଭିନେତାମାନଙ୍କ ମଧ୍ୟରୁ ରାଜକୁମାର ରାଓ ଅନ୍ୟତମ । ବି-ଟାଉନ୍‌ରେ ସଂଘର୍ଷ କରି ସଫଳତା ପାଇଥିବା ଅଭିନେତାଙ୍କ ମଧ୍ୟରେ ରାଜକୁମାର ଜଣେ ଜ୍ୱଳନ୍ତ ନିଦର୍ଶନ । ରାଜଗୁମାର ରାଜକୁମାର ଯାଦବ ଭାବେ ଗୁରୁଗାଓଁଠାରେ ୩୧ ଅଗଷ୍ଟ ୧୯୮୪ରେ ଜନ୍ମ ହୋଇଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ସରିବା ପରେ ସେ 'ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ'ରେ ଆକ୍ଟିଂ ଟ୍ରେନିଂ ନେଇଥିଲେ । ୨୦୧୦ରେ ସଫଳନ ପରୀକ୍ଷାମୂଳକ ଫିଲ୍ମ 'ଲଭ୍ ସେକ୍ସ ଔର ଧୋକା' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ତେବେ ୨୦୧୩ରେ ଭାରତର ବିଶିଷ୍ଟ ଔପନ୍ୟାସିକ ଚେତନ ଭଗତଙ୍କ ଉପନ୍ୟାସ ଆଧାରରେ ତିଆରି ହୋଇଥିବା ଫିଲ୍ମ 'କାଇ ପୋ ଚେ' ତାଙ୍କ ବଲିଉଡ୍ ଜୀବନର ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା । ସେହି ବର୍ଷ ରିଲିଜ୍ ହୋଇଥିବା ବାୟୋଗ୍ରାଫିକାଲ୍ ଡ୍ରାମା ଫିଲ୍ମ 'ସାହିଦ୍' ପାଇଁ ତାଙ୍କୁ ନ୍ୟାସନାଲ୍ ଫିଲ୍ମ ଆୱାର୍ଡ ତରଫରୁ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯାଇଥିଲା । ତା'ପରଠାରୁ ଆଉ ପଛକୁ ଫେରି ନାହାନ୍ତି ରାଜକୁମାର । ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଜ ନିଖୁଣ ଅଭିନୟ ମାଧ୍ୟମରେ ତିଆରି କରିପାରିଛନ୍ତି ଅନେକ ପ୍ରଶଂସକ ଏବଂ ସେମାନଙ୍କୁ ଭେଟି ଦେଇଛନ୍ତି ଅନେକ ସୁପରହିଟ୍ ଫିଲ୍ମ । ତାଙ୍କର ସୁପରହିଟ୍ ଫିଲ୍ମ ଲିଷ୍ଟରେ ରହିଛି 'କୁଇନ୍' (୨୦୧୪), 'ସିଟିଲାଇଟ୍ସ' (୨୦୧୪), 'ଅଲିଗଡ' (୨୦୧୬), 'ଟ୍ରାପ୍‌ଡ'(୨୦୧୬) । ଏହାଛଡ଼ା ୨୦୧୭ରେ ରିଲିଜ୍ ହୋଇଥିବା 'ବରେଲି କି ବର୍ଫି', 'ନିଉଟନ୍' ଏବଂ ୨୦୧୮ରେ ରିଲିଜ୍ ହୋଇଥିବା 'ସ୍ତ୍ରୀ' ଆଶାତୀତ ବ୍ୟବସାୟିକ ସଫଳତା ଲାଭ କରିଥିଲା । 'ନିଉଟନ୍' ପାଇଁ ଦାଦାସାହେବ ଫାଲ୍‌କେ ଏକ୍ସଲେନ୍ସ ଆୱାର୍ଡ ମଧ୍ୟ ପାଇଛନ୍ତି । ୨୦୧୯ରେ ରିଲିଜ୍ ହୋଇଥିବା 'ଜଜ୍‌ମେଣ୍ଟାଲ୍ ହୈ କ୍ୟା' ଏବଂ 'ମେଡ୍ ଇନ୍ ଚାଇନା' ମଧ୍ୟ ସଫଳତା ଲାଭ କରିଥିଲା ।

# ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ କୃତି



ଅନିଲ୍ କପୁର, ଆଦିତ୍ୟ ରୟ କପୁର ଏବଂ ଦିଶା ପଟାନୀଙ୍କ ସାଇକୋ ଥ୍ରିଲର ଫିଲ୍ମ 'ମଲଙ୍ଗ'କୁ ନେଇ ବହୁ ଚର୍ଚ୍ଚା ଚାଲିଛି । ଫିଲ୍ମଟିର ଟ୍ରେଲର ମଧ୍ୟ ରିଲିଜ ହୋଇସାରିଛି ଏବଂ ଟ୍ରେଲରକୁ ଦର୍ଶକୀୟ ଆଦୃତି ମଧ୍ୟ ମିଳିଛି । ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ ସ୍କ୍ରିନ୍ ସେୟାର କରିଛନ୍ତି ଆଦିତ୍ୟ ଏବଂ ଦିଶା । ଟ୍ରେଲରରେ ଦୁଇଜଣଙ୍କ କେମେଷ୍ଟ୍ରୀକୁ ମଧ୍ୟ ଦର୍ଶକ ପସନ୍ଦ କରିଛନ୍ତି । ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, 'ମଲଙ୍ଗ' ପାଇଁ ଦିଶା ନିର୍ଦ୍ଦେଶକ ମୋହିତ ସୁରୀଙ୍କ ପ୍ରଥମ ପସନ୍ଦ ନଥିଲେ । ପ୍ରଥମେ ଫିଲ୍ମ ପାଇଁ ଅଭିନେତ୍ରୀ କୃତି ସାନନଙ୍କୁ ଅଫର ଦିଆଯାଇଥିଲା । ସେହି ସମୟରେ କୃତିଙ୍କ ପାଖରେ 'ହାଉସଫୁଲ ୪' ଏବଂ 'ପାନୀପତ' ପାଇଁ ମଧ୍ୟ ଅଫର ରହିଥିଲା । ତେଣୁ ସେ 'ମଲଙ୍ଗ'କୁ ନାଁ କହିଥିଲେ । ଏ ସମ୍ବନ୍ଧରେ ମୋହିତ ଏକ ଗଣମାଧ୍ୟମ ସାକ୍ଷାତକାରରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, 'ମଲଙ୍ଗ' ଚଳିତ ବର୍ଷ ଫେବୃଆରୀ ୭ତାରିଖରେ ରିଲିଜ୍ ହେବାକୁ ଯାଉଛି ।

# ୬୬ କୋଟିର ମାଲିକ କୁକୁଡ଼ା !

ଧନୀ ଲୋକଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକା, ଦାମୀ ଗାଡ଼ି, ବ୍ୟାଙ୍କବାଲାନ୍ସ କଥା ତ ଆପଣ ଶୁଣିଥିବେ । ତେବେ ଗୋଟିଏ କୋଟିପତି କୁକୁଡ଼ା କୋଟିପତି ହେବା କଥା ଶୁଣିଲେ ଆପଣ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହେବେ । ଏକଥା ଶୁଣିଲା ପରେ ଆପଣଙ୍କ ମନକୁ ହଠାତ୍ ଆସୁଥିବ କି କୁକୁଡ଼ାଟି ବୋଧହୁଏ କୌଣସି ଖେଳ କିମ୍ବା ନିଜ ଦକ୍ଷତା ପ୍ରଦର୍ଶନ କରି କୋଟିକୋଟି ଟଙ୍କାର ଅଧିକାରୀ ହୋଇପାରିଛି, ମାତ୍ର ଘଟଣାଟି ସେଭଳି କିଛି ନୁହେଁ । ପ୍ରକୃତ କଥା ହେଉଛି, କୁକୁଡ଼ାଟିର ଦୁଇଜଣ ମାଲିକ ଥିଲେ । ମାଲିକ ଦୁଇଜଣ ଖୁବ୍ ଧନୀ ଥିଲେ । କୁକୁଡ଼ାଟିକୁ ଖୁବ୍ ଭଲପାଉଥିବାରୁ ନିଜ ମୃତ୍ୟୁ ପୂର୍ବରୁ ସେମାନେ କୁକୁଡ଼ାଟି ନାମରେ ସମସ୍ତ ସମ୍ପତ୍ତି କରିଦେଇଯାଇଛନ୍ତି । ଫଳରେ 'ଗୁଗା' ନାମକ ଏହି କୁକୁଡ଼ାଟି ମାଲିକଙ୍କ ମୃତ୍ୟୁପରେ ୬୬କୋଟି ଟଙ୍କାର ଅଧିକାରୀ ହୋଇଛି । ଫଳରେ କୁକୁଡ଼ାଟି ଏବେ ବେଶ୍ ଆୟସ କରି ଜୀବନଯାପନ କରୁଛି । ତେବେ କୁକୁଡ଼ାଟିର ମୃତ୍ୟୁ ପରେ ଏହି ସମ୍ପତ୍ତି କାହା ପାଖକୁ ଯିବ ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।





# ବିଶ୍ୱର ପୁରୁଣା ହୋଟେଲ୍

ଏବଂ ହୋଟେଲଟି ୧୩ଶହ ବର୍ଷ ପୁରୁଣା । ତେବେ ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ହୋଟେଲଟିକୁ ଫୁଟିୱାରାଙ୍କ ପରିବାରର ୫୨ତମ ପିଢ଼ି ଚଳାଉଛନ୍ତି । ପାଖରେ ଝରଣା ପ୍ରବାହିତ ହେଉଥିବାରୁ ଏହା ଅନ୍ୟ ହୋଟେଲ୍-ମାନଙ୍କଠାରୁ ଭିନ୍ନ ହୋଇ ପାରିଛି । ହୋଟେଲ୍‌ର ଗୋଟିଏ ପାର୍ଶ୍ୱରେ ଏକ ନଦୀ ବହିଯାଉଥିବା ବେଳେ ଅପର ପାର୍ଶ୍ୱରେ ଭରି ରହିଛି ଘନ ଜଙ୍ଗଲ । ହୋଟେଲ୍‌ଟିରେ ରହିଛି ୩୭ଟି କୋଠରୀ । ମଝିରେ ମଝିରେ ହୋଟେଲ୍‌ଟିର ନବୀକରଣ କରାଯାଇଥାଏ । ଏଠାରେ ଗୋଟିଏ ରାତି ରହିବା ପାଇଁ ପ୍ରାୟ ୩୩ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ ।

ବିଶ୍ୱରେ ଅନେକ ପୁରାତନ ହୋଟେଲ୍ ରହିଛି । ତେବେ ଜାପାନର 'ନିଶିୟାମା ଓନ୍‌ସେନ୍ କ୍ୟାଙ୍କାନ୍' ଏହି ହୋଟେଲ୍ ବିଶ୍ୱର ସର୍ବପୁରାତନ ହୋଟେଲ୍ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦିଆଯାଇଛି । ଏହାକୁ ଫୁଜିୱାରା ମୋହିତୋ ନାମକ ଜଣେ ବ୍ୟକ୍ତି ନିର୍ମାଣ କରିଥିଲେ

# ଫିମ୍ପିନାଶକ 'ମହୁଲାସ୍ତ୍ର'



## ପ୍ରସ୍ତୁତି

'ମହୁଲାସ୍ତ୍ର' ତିଆରି ପାଇଁ ଗାଈ ପରିସ୍ରା ୨ ଲିଟର, ଗୁଡ ୧୦୦ଗ୍ରାମ୍, ମହୁଲ ଫୁଲ ୫୦୦ଗ୍ରାମ୍ ବ୍ୟବହାର କରାଯାଏ । ପ୍ରଥମେ ଗୋଟିଏ ମାଟି ହାଣ୍ଡିରେ ୨ଲିଟର ଗାଈ ପରିସ୍ରା, ୫୦୦ଗ୍ରାମ୍ ମହୁଲ ଫୁଲ ଏବଂ ୧୦୦ଗ୍ରାମ୍ ଗୁଡକୁ ଏକାଠି ଢାଳି ୨୪ଘଣ୍ଟା ରଖନ୍ତୁ । ୨୪ଘଣ୍ଟା ପରେ ଚୁଲିରେ ବସାଇ ଗୋଟିଏ ଥର ଫୁଟାନ୍ତୁ । ଏବେ ଏହାକୁ ଏକ ସୂତା କପଡ଼ାରେ ଛାଣି ବୋତଲରେ ରଖିପାରିବେ ।

## ବ୍ୟବହାର ବିଧି

ଛୋଟ ଗଛ ପାଇଁ ୧୫ଲିଟର ପାଣିରେ ୩୦ରୁ ୪୦ମିଲି ମହୁଲାସ୍ତ୍ର ମିଶାଇ ସ୍ପ୍ରେ' କରନ୍ତୁ । ବଡ଼ ଗଛ ପାଇଁ ୧୫ଲିଟର ପାଣିରେ ୫୦ରୁ ୬୦ମିଲି ମହୁଲାସ୍ତ୍ର ମିଶାଇ ସ୍ପ୍ରେ' କରନ୍ତୁ । ପ୍ରତ୍ୟେକ ୮-୧୦ଦିନ ବ୍ୟବଧାନରେ ଏହାକୁ ଫସଲରେ ବ୍ୟବହାର କରିପାରିବେ । ପାଗ ପରିବର୍ତ୍ତନ ଏବଂ କୁହୁଡ଼ି ଯୋଗୁଁ ଦେଖାଦେଉଥିବା ପତ୍ରପୋଡା ରୋଗର ଉପଚାର ପାଇଁ ୧୫ଲିଟର ପାଣିରେ ୨୫୦ମିଲି ମହୁଲାସ୍ତ୍ର ମିଶାଇ ସ୍ପ୍ରେ' କରନ୍ତୁ ।

# କ୍ଷତିକାରକ କ୍ଲୋରାମିନ୍‌ଯୁକ୍ତ ଖାଦ୍ୟ



ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ, କ୍ଲୋରାମିନ୍‌ଯୁକ୍ତ ଖାଦ୍ୟ ଏବଂ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରାସାୟନିକ ପଦାର୍ଥ ସୃଷ୍ଟି କରନ୍ତି, ଯାହା ଆପଣଙ୍କ ଶରୀରକୁ ବିଶେଷ ଭାବରେ କ୍ଷତି ପହଞ୍ଚାଇପାରେ । ପାଣିକୁ ସ୍ୱଚ୍ଛ ରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଆମିନ୍ ଅଣୁ ମିଶାଯାଏ । ଗବେଷକମାନେ ସନ୍ଧାନ କରି କହିଛନ୍ତି ଯେ, କ୍ଲୋରାମିନ୍‌ଯୁକ୍ତ ପାଣି ଏବଂ ଖାଦ୍ୟରେ ଥିବା ଆୟୋଡିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୁଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଆମିନ୍ ଆୟୋଡିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡସ୍ ଏସିଡ୍ ସୃଷ୍ଟି କରେ । ଯାହାକି ଶରୀର ପାଇଁ ବିଶେଷ ଭାବରେ ହାନିକାରକ ହୋଇନଥାଏ । ତେବେ ଏଭଳି ପାଣିରେ ଖାଦ୍ୟ ରାନ୍ଧିବା ସମୟରେ ସେଥିରେ ହାନିକାରକ ଆୟୋଡିନ୍‌ଯୁକ୍ତ ଜୀବାଣୁନାଶକ ତିଆରି ହୋଇଥାଏ । ଗବେଷକମାନେ ବିଭିନ୍ନ ପାଇପ୍ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ । ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ଟି ଅଣୁକୁ ଚିହ୍ନିପାରିଥିଲେ । ଯାହାକି ଶରୀର ପାଇଁ ୫୦-୨୦୦ଗୁଣା ଅଧିକ କ୍ଷତିକାରକ ।

# ପବନରୁ ପ୍ରସ୍ତୁତ ହେଉଛି ପାଣି

ବର୍ତ୍ତମାନ ବୈଜ୍ଞାନିକମାନେ ସବୁ ଅସମ୍ଭବକୁ ସମ୍ଭବ କରି ଦେଖାଇଲେଣି । ତେଣୁ ବର୍ତ୍ତମାନର ଯୁଗକୁ ବିଜ୍ଞାନର ଯୁଗ ବୋଲି କୁହାଯାଉଛି । ତେଲେଙ୍ଗାନାର ସିକନ୍ଦରାବାଦ ରେଲୱେ ଷ୍ଟେସନରେ ଏଭଳି କିଛି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରାଯାଇଛି । ଏଠାରେ ପବନରୁ ପାଣି ପ୍ରସ୍ତୁତ ହୋଇ ବିକ୍ରି କରାଯାଉଛି । ଏହି ଷ୍ଟେସନରେ ଅଟୋମେଟିକ୍ ୱାଟର ଜେନେରେଟର ଲଗାଯାଇଛି । ପ୍ରଣାଳୀ ମାଧ୍ୟମରେ ପବନ ୱାଟର ଜେନେରେସନ ମେସିନ୍ ଭିତରେ ପଶିଥାଏ । ଏଥିରୁ ସମସ୍ତ ଦୂଷିତ ପଦାର୍ଥକୁ ଛାଣି ଦିଆଯାଏ । ଏହାପରେ ଯେତିକି ପବନ ବାକି ରୁହେ, ତାକୁ ଏକ କୁଲିଂ ଚାମ୍ବରରେ ଥଣ୍ଡା କରାଯାଏ । ଏହି ଥଣ୍ଡା ପବନ ବୁନ୍ଦାବୁନ୍ଦା ପାଣିରେ ରୂପାନ୍ତରିତ ହୋଇ ଟ୍ୟାଙ୍କରରେ ଜମା ହୁଏ । ଏହି ପାଣିକୁ ଅଲଟ୍ରା ଭାଓଲେଟ୍ କିରଣ ସାହାଯ୍ୟରେ ପ୍ରଦୂଷକ ତତ୍ତ୍ୱ ନଷ୍ଟ କରାଯାଇ ବିଶୁଦ୍ଧ ପାଣିରେ ପରିଣତ କରାଯାଏ । ଏହା ଦିନକୁ ପ୍ରାୟ ୧ହଜାର ଲିଟର ପାଣି ପ୍ରସ୍ତୁତ କରୁଛି । ପାଣି ଯେଭଳି ଖରାପ ନହେବ ତାହାକୁ ଏକ ଷ୍ଟିଲ୍ ଟ୍ୟାଙ୍କରରେ ସଂରକ୍ଷିତ କରି ରଖାଯାଉଛି । ଏହାର ଗୋଟିଏ ପାଣି ବୋତଲକୁ ୭ଟଙ୍କା ଦରରେ ବିକ୍ରି କରାଯାଉଛି । ତେବେ ନିଜେ ବୋତଲ ଆଣି ପାଣି ଭରିକରି ନେଲେ ୫ଟଙ୍କାରେ ନେଇପାରିବେ । ଏହି ମେସିନ୍‌ଟି ଯେକୌଣସି ଋତୁ ପାଇଁ କାର୍ଯ୍ୟକ୍ଷମ ।




## ଏ ସପ୍ତାହର ରାଶିଫଳ

**ମେଷ** – କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରିନେବେ । କିନ୍ତୁ ପାପମୁକ୍ତ ଚନ୍ଦ୍ର ହେତୁ ପାରିବାରିକ ପରିସ୍ଥିତି ଅଶାନ୍ତି ରହିବା ସହ ପରୋକ୍ଷ ଶତ୍ରୁତା ସାମୟିକ କଥା ସୃଷ୍ଟି କରିପାରେ ।

**ବୃଷ** – ପରିବହନ ତଥା ବାଣିଜ୍ୟ ବ୍ୟବସାୟରୁ ସନ୍ତୋଷଜନକ ସଫଳ ପାଇବେ । କଳା ତଥା ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଉନ୍ନତି ରହିବ ।

**ମିଥୁନ** – ଚାକିରିକ୍ଷେତ୍ରରେ ଭ୍ରମଣ ଯୋଗ ରହିଛି । ବୁଧ ଓ ବନ୍ଧୁଙ୍କ ପାଇଁ ସୁଖଭୋଗ କରିବେ । ମାନ୍ୟତାନୁସାରେ ରାଜପ୍ରସାଦ ପରି ପ୍ରଦୂଷଣମୁକ୍ତ ଗୃହ ସୁଖ ମିଳିପାରେ ।

**କର୍କଟ** – ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରନ୍ତି । ବିଶିଷ୍ଟ ବ୍ୟକ୍ତିମାନଙ୍କର ଅନୁକମ୍ପା ଲାଭ ହେବ ।

**ସିଂହ** – ବନ୍ଧୁଙ୍କ ସାନ୍ନିଧ ପାଇ ଖୁସି ରହିବେ । ଶ୍ରେଷ୍ଠ ମାନ୍ୟତା ମିଳିବ । ଯଦି ହିଂସାମାର୍ଗରେ ମନ ବଳାନ୍ତି, ତେବେ ଘୃଣ୍ୟ ଓ ଧନକ୍ଷୟ ହେବ । ସରକାରୀ ଅର୍ଥପ୍ରାପ୍ତି ସୂଚନା ମିଳେ ।

**କନ୍ୟା** – ସତର୍କତା କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇ ପାରନ୍ତି । ବିବାଦୀୟ କଥାରେ ମୁଣ୍ଡ ନପୂରାଇବା ଭଲ ।

**ତୁଳା** – ପରିଶ୍ରମୀ ହେବେ ଓ ତାର ମୂଲ୍ୟ ମିଳିବ । ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି । ବିପଦ ଆପଦ ଦୂର ହେବ । ସାଧୁସେବାରେ ନିଜକୁ ନିୟୋଜିତ କରିପାରନ୍ତି ।

**ବିଛା** – ସହକର୍ମୀମାନଙ୍କ ବିବାଦୀୟ ମନ୍ତବ୍ୟ ଶୁଣି ମନରେ ବିରକ୍ତ ଆସିବ । ମାନସିକ ସ୍ଥିରତା ଅଭାବରୁ କୌଣସି ସ୍ଥିର ନିଷ୍ପତ୍ତି ନେଇପାରିବେ ନାହିଁ ।

**ଧନୁ** – ଶତ୍ରୁର ସମ୍ମୁଖୀନ ହୋଇପାରନ୍ତି । ମନରେ ପ୍ରସନ୍ନ ଭାବ ଦେଖାଦେବ । ମିଷ୍ଟାନ୍ନ ଭୋଜନ ମିଳିବ । ଚିନ୍ତାଧାରା ଉନ୍ନତମାନର ହେବ । ପ୍ରିୟଭାଷୀ ହେବେ ।

**ମକର** – ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରିବେ ନାହିଁ । ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣାର କରିବେ ।

**କୁମ୍ଭ** – ସନ୍ମାର୍ଗୀ ହୋଇ ଅନ୍ୟର ଆଦର୍ଶ ହେବେ । ପାଣ୍ଡିତ୍ୟ ପଣ ବଜାୟ ରଖିବେ । ପ୍ରବାସୀ ହୋଇପାରନ୍ତି । ପିତୃଭକ୍ତି ମୁକ୍ତ ହେବେ । ଭାଗ୍ୟବାନ୍ ହୋଇପାରନ୍ତି । ଶତ୍ରୁକୁ ପରାଜିତ କରିବେ ।

**ମୀନ** – ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ପ୍ରକାଶ କରିପାରନ୍ତି ।




## ଚୀନର ମଙ୍ଗଳ ଅଭିଯାନ

# ଫେବୃୟାରୀରେ କକ୍ଷପଥ ଛୁଇଁ ପାରେ ତିଆନୱେନ -୧

**ବେଜିଂ (ଏଜେନ୍ସି):** ମହାକାଶ ଗବେଷଣା କ୍ଷେତ୍ରରେ ଚୀନ ଗୋଟିଏ ପରେ ଗୋଟିଏ ସୋପାନକୁ ଅତିକ୍ରମ କରିବାରେ ଲାଗିଛି। ଚୀନ୍ ତାହାର ମହାକାଶ ଗବେଷଣା କ୍ଷେତ୍ରରେ ଖୁବଶୀଘ୍ର ଆଉ ଏକ ବଡ ସଫଳତା ହାସଲ କରିବାକୁ ଯାଉଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତେବେ ଚୀନ ମହାକାଶ ଯାନ ତିଆନ୍‌ୱେନ୍-୧ ଆସନ୍ତା ଫେବୃଆରୀରେ ମଙ୍ଗଳ ଗ୍ରହର କକ୍ଷପଥରେ ପ୍ରବେଶ କରିବ। ୨୦୨୦ ଜୁଲାଇ ୨୩ରେ ପ୍ରକ୍ଷେପିତ ହୋଇଥିବା ଏହି ମହାକାଶଯାନ ଜାନୁଆରୀ ୩ ଅର୍ଥାତ ରବିବାର ସକାଳ ସୁଦ୍ଧା ପ୍ରାୟ ୪୦୦ ନିୟୁତ କିମି ଯାତ୍ରା କରିସାରିଲାଣି। ପାଞ୍ଚଟନ ଓଜନ ବିଶିଷ୍ଟ ଏହି ମହାକାଶଯାନରେ ଗୋଟିଏ ଅର୍ବିଟର, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ରହିଛି। ଏପର୍ଯ୍ୟନ୍ତ ତିଆନ୍‌ୱେନ୍-୧ର ସବୁ ଯନ୍ତ୍ରାଂଶ ସଠିକ୍‌ଭାବେ କାର୍ଯ୍ୟ କରୁଛି ଏବଂ ମଙ୍ଗଳ ଗ୍ରହର କକ୍ଷପଥକୁ ପ୍ରବେଶ କରିବାର ଠିକ୍ ଏକ ମାସ ପୂର୍ବରୁ ଏହାର ବେଗ କ୍ରମଶଃ ହ୍ରାସ ପାଇବ ବୋଲି ଚୀନର ଜାତୀୟ ମହାକାଶ ପ୍ରଶାସନ ସଂସ୍ଥା ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ତିଆନ୍‌ୱେନ-୧ ମହାକାଶରୁ ପୃଥିବୀ ଓ ଚନ୍ଦ୍ରର ଏକାଧିକ ଫଟୋଚିତ୍ର ପଠାଇ ସାରିଲାଣି। ସୂଚନାଯୋଗ୍ୟ ପ୍ରଥମ ଏସୀୟ ରାଷ୍ଟ୍ରଭାବେ ଭାରତ ୨୦୧୩ ନଭେମ୍ବର ୫ରେ ମଙ୍ଗଳ ଗ୍ରହ ଉପଲକ୍ଷେ 'ମଙ୍ଗଳଯାନ'କୁ ପଠାଇ ସାରିଛି।



# ଟ୍ରମ୍ପ ସମର୍ଥକଙ୍କ ଉନ୍ମୋକ୍ତ କାଣ୍ଡ: ଆମେରିକା କ୍ୟାପିଟାଲ ହିଲରେ ଦଙ୍ଗା

**ୱାଶିଂଟନ(ଏଜେନ୍ସି):** ଆମେରିକାରେ ଇତିହାସରେ ଏକ କଳାଅଧ୍ୟାୟ ସୃଷ୍ଟି ହୋଇଛି। ଗତ ନଭେମ୍ବର ୩ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ସ୍ୱୀକାର ନକରି ଗତ ବୁଧବାର ୱାଶିଂଟନ ଡିସିର କ୍ୟାପିଟଲରେ ନାହିଁନଥିବା ପରିସ୍ଥିତି ସୃଷ୍ଟି କରିଛନ୍ତି। ପୁଲିସ ସହ ଟ୍ରମ୍ପ ସମର୍ଥକଙ୍କ ସଂଘର୍ଷରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦଙ୍ଗା ଘଟଣାରେ ୱାଶିଂଟନ ଡିସିରେ ଜାରି କରାଯାଇଥିବା କର୍ଫ୍ୟୁ ଉଲ୍ଲଙ୍ଘନ କରି ସଂଧ୍ୟା ୬ଟା ପରେ ରାସ୍ତାକୁ ଓହ୍ଲାଇଥିବା ୫୨ ଜଣଙ୍କୁ ପୁଲିସ ଗିରଫ କରିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ଆସନ୍ତା ୨୦ ତାରିଖରେ ନୂଆ ରାଷ୍ଟ୍ରପତି ଜୋ ବାଇଡେନ୍ ଶପଥ ନେବେ। ଏହା ପୂର୍ବରୁ ତାଙ୍କର ବିଜୟକୁ ଚୂଡାନ୍ତ ଅନୁମୋଦନ କରିବା ଲାଗି ବୁଧବାର କ୍ୟାପିଟଲରେ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ ଇଲେକ୍ଟୋରାଲ କଲେଜ ଭୋଟର ଚୂଡାନ୍ତ ଗଣତିକୁ ଅନୁମୋଦନ କରାଯାଉଥିଲା ବେଳେ ଟ୍ରମ୍ପଙ୍କ ସମର୍ଥକ ରିପବ୍ଲିକାନ୍ ପାର୍ଟିର କିଛି କଂଗ୍ରେସ ସଦସ୍ୟ ଆପତ୍ତି ଉଠାଇଥିଲେ। ଏହି ସମୟରେ ସଦନ ବାହାରେ ଟ୍ରମ୍ପଙ୍କ ସମର୍ଥକମାନେ ଏକଜୁଟ୍ ହୋଇଥିଲେ। ଏହି ସମର୍ଥକମାନେ 'ଟ୍ରମ୍ପ-୨୦୨୦' ଉଲ୍ଲେଖଥିବା ପତାକା ଧରି ଏବଂ ଏହି ଲେଖାଥିବା ଟି ସାର୍ଟ ପରିଧାନ କରି ବ୍ୟାରିକେଡ୍ ଭାଙ୍ଗି ସିନେଟ୍ ଚାମ୍ବର ବାହାରେ ଥିବା ତୃତୀୟ ମହଲାରେ ଧସେଇ ପଶିଥିଲେ। ଦ୍ୱାରଦେଶରେ ସୁରକ୍ଷାକର୍ମୀମାନେ ମୁତୟନ ଥିବା ସତ୍ତ୍ୱେ ଉତ୍ୟକ୍ତ ସମର୍ଥକମାନେ ସେମାନଙ୍କୁ ଠେଲି ସିନେଟ୍ ଚାମ୍ବରରେ ପ୍ରବେଶ କରିଥିଲେ। ଏହି ସମୟରେ ପୁଲିସ ଲୁହବୁହା ବାଷ୍ପ ପ୍ରୟୋଗ କରି ସେମାନଙ୍କୁ ବାଧାଦେବାକୁ ଉଦ୍ୟମ କରିଥିଲା। ଜଣେ ବିକ୍ଷୋଭକାରୀ ଝରକା ଭାଙ୍ଗି ଏବଂ ଅନ୍ୟଜଣେ ସିନେଟ୍‌ର ମୁଖ୍ୟ ଦ୍ୱାର ଭାଙ୍ଗି ପଶିବା ପରେ ବହୁ ସଂଖ୍ୟକ ଟ୍ରମ୍ପଙ୍କ ସମର୍ଥକ ଭିତରେ ଧସେଇ ପଶିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହାର ଅଳ୍ପସମୟ ପୂର୍ବରୁ ଏହି ଚାମ୍ବରରେ ନିର୍ବାଚନ ଫଳାଫଳକୁ ଅନୁମୋଦନ କରାଯାଇଥିଲା। 'ଗାର୍ଡିଆନ' ସମ୍ବାଦପତ୍ରର ରିପୋର୍ଟ ଅନୁଯାୟୀ ଦଙ୍ଗାକାରୀମାନେ ମଞ୍ଚ ଉପରକୁ ଉଠିଯାଇ ଟ୍ରମ୍ପ ନିର୍ବାଚନରେ ବିଜୟୀ ହୋଇଛନ୍ତି ବୋଲି ନାରା ଦେଇଥିଲେ। ବିକ୍ଷୋଭକାରୀମାନେ ସେହି ପରିସରର ବିଭିନ୍ନ ପ୍ରକୋଷ୍ଠରେ ଧସେଇ ପଶି ଗୃହର ବାଚସ୍ପତି ନାନ୍‌ସି ପେଲୋସି ଓ ଅନ୍ୟାନ୍ୟ ବ୍ୟବସ୍ଥାପକମାନେ ବ୍ୟବହାର କରୁଥିବା ଜିନିଷପତ୍ର ଭଙ୍ଗାରୁଜା କରିବା ସହ ଲୁଟତରାଜ କରିଥିଲେ। ଉଲ୍ଲେଖଯୋଗ୍ୟ ସେତବେଳକୁ ସିନେଟ୍ ଓ ପ୍ରତିନିଧି ସଭାର ବ୍ୟବସ୍ଥାପକମାନେ ସେଠାରୁ ଚାଲିଯାଇଥିଲେ। ବିକ୍ଷୋଭକାରୀମାନେ କ୍ୟାପିଟଲରେ ଥିବା ବିଭିନ୍ନ ଦପ୍ତରର ପ୍ରକୋଷ୍ଠରେ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଏହିଭଳି ଭଙ୍ଗାରୁଜା ଚଳାଇଥିଲେ ଟ୍ରମ୍ପଙ୍କ ସମର୍ଥକ। ଏହି ସମୟରେ ସୁରକ୍ଷାକର୍ମୀ ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣାଧିନ କରିବା ପାଇଁ ଗୁଳି ଚଳାଇବାରୁ ଜଣେ ମହିଳାଙ୍କ ଛାତିରେ ଗୁଳିବାଜି ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିଲେ। ପରେ ସେମାନଙ୍କର ହସ୍ପିଟାଲରେ ମୃତ୍ୟୁଘଟିଛି।

# ବାଇଡେନ୍‌ଙ୍କ ବିଜୟକୁ ଆମେରିକା କଂଗ୍ରେସର ମୋହର

**ୱାଶିଂଟନ(ଏଜେନ୍ସି):** ଆମେରିକା କଂଗ୍ରେସ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ବିଜୟ ଉପରେ ମୋହର ଲଗାଇଛି। ଇଲେକ୍ଟୋରାଲ କଲେଜ ଭୋଟ୍ ଗଣତି ପରେ କଂଗ୍ରେସ ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା କରିଛି। ବାଇଡେନ୍‌ଙ୍କ ସହ କମଳା ହ୍ୟାରିସ୍‌ଙ୍କୁ ମଧ୍ୟ ଉପରାଷ୍ଟ୍ରପତି ପଦରେ ବିଜୟୀ ଘୋଷଣା କରାଯାଇଛି। ବାଇଡେନ୍‌ଙ୍କୁ ୩୦୬ ଇଲେକ୍ଟୋରାଲ କଲେଜ ଭୋଟ୍ ମିଳିଛି ଯାହାକି ବହୁମତ ଠାରୁ ଯଥେଷ୍ଟ ଅଧିକ। ରାଷ୍ଟ୍ରପତି ନିର୍ବାଚିତ ହେବା ପାଇଁ ୨୭୦ ଇଲେକ୍ଟୋରାଲ ଭୋଟ୍ ଆବଶ୍ୟକ ପଡିଥାଏ। କଂଗ୍ରେସର ଏହି ଅନୁମୋଦନ ପରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ହେବା ପାଇଁ ବାଇଡେନ୍‌ଙ୍କ ରାସ୍ତା ସଫା ହୋଇଯାଇଛି। ଏବେ ବାଇଡେନ୍ ଜାନୁଆରୀ ୨୦ରେ ବିଧିମୁତାବକ ଆମେରିକାର ରାଷ୍ଟ୍ରପତି ହେବେ। ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଘୋଷଣା କରିଛନ୍ତି, ଯେ ଆମେରିକା ଇଲେକ୍ଟୋରାଲ କଲେଜ ଭୋଟର ଫଳାଫଳ ମିଳିସାରିଛି। ଯେଉଁଥିରୁ ଜୋ ବାଇଡେନ୍‌ଙ୍କୁ ଅଧିକ ଭୋଟ୍ ମିଳିଥିବା ସ୍ପଷ୍ଟ ହୋଇଛି। ଏହି ଘୋଷଣା ପରେ ଡେମୋକ୍ରାଟିକ୍ ପ୍ରାର୍ଥୀ ବାଇଡେନ୍ ଜାନୁଆରୀ ୨୦ରେ ଶପଥଗ୍ରହଣ କରିବେ। ଅନ୍ୟପକ୍ଷରେ ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପରାଜୟ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, 'ମୁଁ ପରାଜୟ ସ୍ୱୀକାର କରୁଛି। ଏକ ଐତିହାସିକ ରାଷ୍ଟ୍ରପତି ଯୁଗର ଅବସାନ ଘଟିଲା। ନିର୍ବାଚନରେ ଏଭଳି ଫଳାଫଳକୁ ନେଇ ମୁଁ ସମ୍ପୂର୍ଣ୍ଣ ଅସହମତି ପ୍ରକାଶ କରୁଛି। କିନ୍ତୁ ଜାନୁଆରୀ ୨୦ରେ କ୍ଷମତା ହସ୍ତାନ୍ତର କରିବି।' ଉଲ୍ଲେଖଯୋଗ୍ୟ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲରେ ହିଂସାକାଣ୍ଡ ସୃଷ୍ଟି କରିବାରୁ ଟ୍ରମ୍ପଙ୍କୁ ବହିଷ୍କାର କରିବାକୁ ତାଙ୍କ କ୍ୟାବିନେଟ୍‌ର ସଦସ୍ୟମାନେ ଆଲୋଚନା କରିଥିଲେ। ଆମେରିକା ସମ୍ବିଧାନର ୨୫ତମ ସଂଶୋଧନ ଅନୁଯାୟୀ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅସମର୍ଥ ବିବେଚିତ ହେଲେ ଉପରାଷ୍ଟ୍ରପତି ଓ କ୍ୟାବିନେଟ୍ ତାଙ୍କୁ ବହିଷ୍କାର କରିପାରିବେ ବୋଲି ଏହି ସଂଶୋଧିତ ବ୍ୟବସ୍ଥାରେ ଉଲ୍ଲେଖରହିଛି।

## ସ୍ୱାସ୍ଥ୍ୟ ବିଭାଗର ଚାକିରିରୁ ଛଟେଇ ନିର୍ଦ୍ଦେଶ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ(ଏନ୍.ଏମ୍.):** କରୋନା ସମୟରେ ସ୍ୱାସ୍ଥ୍ୟ ବିଭାଗର ଚାକିରିରୁ ଛଟେଇ ନିର୍ଦ୍ଦେଶ ପ୍ରସଙ୍ଗରେ ରୁଜୁ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଜାନୁୟାରୀ ୨୫ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆବେଦନକାରୀ ଏହି ମାମଲାରେ ପ୍ରତିଜବାବ ଦାଖଲ କରିବାକୁ ଅଦାଲତ କହିଛନ୍ତି। ଆସନ୍ତା ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ପୂର୍ବରୁ ଚୁକ୍ତି ଭତ୍ତିକ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ସୂର୍ଯ୍ୟନାରାୟଣ ମିଶ୍ର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। କରୋନା ସଂକ୍ରମଣ ମୁକାବିଲା ନିମନ୍ତେ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତ ଚୁକ୍ତିଭତ୍ତିକ କର୍ମଚାରୀଙ୍କୁ ଛଟେଇ ନିର୍ଦ୍ଦେଶକୁ ବିରୋଧ କରି ରୁଜୁ ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରଥମେ ଯୋଗ ଦେଇଥିବା କର୍ମଚାରୀଙ୍କୁ କାର୍ଯ୍ୟକାଳ ବୃଦ୍ଧି ବେଳେ ପ୍ରାଥମିକତା ଦେବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ବିଶେଷ କରି ଯେଉଁ ବ୍ୟକ୍ତି ପ୍ରଥମେ ନିଯୁକ୍ତି ପାଇଥିବେ ତାଙ୍କୁ ରଖାଯିବା ପ୍ରସଂଗକୁ ବିଚାର ନିଆଯିବା ଉଚିତ ବୋଲି ଅଦାଲତ ଦର୍ଶାଇଥିଲେ। ଏହି ମାମଲାରେ ହାଇକୋର୍ଟ ଆଜି ନୋଟିସ୍ ଜାରି କରିଛନ୍ତି। ସୂଚନାଥାଉକି, କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ରାଜ୍ୟର ସବୁ ଜିଲ୍ଲାରେ ଅତିରିକ୍ତ ସଂଖ୍ୟକ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଓ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। ବିଭିନ୍ନ ସ୍ଥିତିରେ ସରକାର କର୍ମଚାରୀଙ୍କ କାର୍ଯ୍ୟକାଳକୁ ବୃଦ୍ଧ କରିଥିଲେ। ତେବେ ପରବର୍ତ୍ତୀ ପରିସ୍ଥିତିରେ କରୋନା ସ୍ଥିତିରେ ଉନ୍ନତି ଆସିବାରୁ ରାଜ୍ୟ ସରକାର ଉକ୍ତ କର୍ମଚାରୀଙ୍କୁ ଚାକିରିରୁ ଅନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ସିଡିଏମଓ, ପେର ପ୍ରଶାସନ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ରାଜ୍ୟ ସରକାରଙ୍କ ଏପରି ନିର୍ଦ୍ଦେଶନାମାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।

# ହାଇକୋର୍ଟଙ୍କ ଆଦେଶର ଅବମାନନା

## ପରିବେଶ ବିଭାଗ ସଚିବ ମୋନା ଶର୍ମାଙ୍କୁ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ହାଇକୋର୍ଟଙ୍କ ଆଦେଶର ଅବମାନନା ପ୍ରସଙ୍ଗରେ ରୁଜୁ ମାମଲାରେ ପରିବେଶ ବିଭାଗ ସଚିବ ମୋନା ଶର୍ମାଙ୍କୁ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଶ୍ରୀମତୀ ଶର୍ମାଙ୍କୁ ହାଇକୋର୍ଟରେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠତା ଭିତିରେ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ବିରଜ ମୋହନ ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ଏସ୍.କେ ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଆଦେଶ ଦେଇଛନ୍ତି। ଏଥିସହିତ ଆସିଷ୍ଟାଣ୍ଟ କନ୍‌ଜରଭେଟର୍ ଅଫ୍ ଫରେଷ୍ଟସ (ଏସିଏଫ)କୁ ନେଇ ଯେଉଁ ପଦୋନ୍ନତି ହୋଇଛି ତାହା ଉପରେ ସ୍ଥିତାବସ୍ଥା ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ୨୦୨୦, ଡିସେମ୍ବର ୩୦ରେ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟସ୍, ଓଏଫସ୍ ଗ୍ରୁପ୍-ଏ(ଜେବି)ର ଅଧିକାରୀଙ୍କୁ ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଓଏଫ୍‌ଏସ ଗ୍ରୁପ୍-ଏ(ଏସବି) ପଦବିକୁ ପଦୋନ୍ନତି ପ୍ରଦାନ ସମ୍ପର୍କିତ ଜଙ୍ଗଲ ଓ ପରିବେଶ ବିଭାଗର ବିଜ୍ଞପ୍ତି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ ୧୯୮୭-୮୮ ମସିହାରେ ଆବେଦନକାରୀ ଶ୍ରୀ ମହାନ୍ତି ଫରେଷ୍ଟ ରେଞ୍ଜର୍ ଭାବେ ନିଯୁକ୍ତି ପାଇଥିଲେ। ମାସକ ପରେ ଅନ୍ୟ ୧୭ ଜଣଙ୍କୁ ଉପରୋକ୍ତ ପଦବିରେ ନିଯୁକ୍ତି ମିଳିଥିଲା। ତେବେ ତାଙ୍କଠାରୁ ପରେ ନିଯୁକ୍ତି ପାଇଥିବା କିଛି ଅଧିକାରୀଙ୍କୁ ବରିଷ୍ଠତା ଭାବେ ଗ୍ରହଣ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଥିଲା। ଏ ସମ୍ପର୍କରେ ଶ୍ରୀ ମହାନ୍ତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଶ୍ରୀ ମହାନ୍ତିଙ୍କ ସ୍ମାରକପତ୍ର ଆଧାରରେ କୌଣସି ପଦକ୍ଷେପ ଗ୍ରହଣ ନକରାଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଗତ ୨୦୨୦ ମସିହା ଅଗଷ୍ଟ ୧୪ ତାରିଖରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ସେହିପରି ଓଏଫଏସ ଗ୍ରୁପ୍-ଏକୁ ପଦୋନ୍ନତି ପ୍ରସଙ୍ଗରେ ଡିପାର୍ଟମେଣ୍ଟାଲ ପ୍ରମୋସନ୍ କମିଟି କରିଥିବା ଅନୁମୋଦନ କାର୍ଯ୍ୟକାରୀ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଅଦାଲତଙ୍କ ଆଦେଶ ବଳବତ୍ତର ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗତ ୨୦୨୦ ମସିହା ଡିସେମ୍ବର ୩୦ରେ ଓଏଫଏସ ଗ୍ରୁପ୍-ଏ(ଏସବି) ପଦବିକୁ ପଦୋନ୍ନତି ସମ୍ପର୍କିତ ବିଜ୍ଞପ୍ତି ପକ୍ଷରୁ ପ୍ରକାଶ କରାଯାଇଥିଲା। ଏହା ପରେ ଆବେଦନକାରୀ ହାଇକୋର୍ଟଙ୍କ ଆଦେଶର ଉଲଂଘନ ଦର୍ଶାଇ ପୁଣି ଥରେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଦାଲତ ଏହାର ଶୁଣାଣି କରି ପରିବେଶ ବିଭାଗ ସଚିବ ମୋନା ଶର୍ମାଙ୍କୁ ହାଜର ହେବାକୁ ଆଦେଶ ଦେଇଛନ୍ତି।

## ବିଶ୍ୱରେ ବିମାନ ଦୁର୍ଘଟଣା ରିପୋର୍ଟ ୨୦୨୦

# କମିଛି ଉଡାଣ :ବଢ଼ିଛି ମୃତ୍ୟୁହାର



**ୱାଶିଂଟନ(ଏଜେନ୍ସି):** କୋଭିଡ୍ ମହାମାରୀ ଯୋଗୁଁ ବିଦାୟୀ ବର୍ଷ ୨୦୨୦କୁ ଇତିହାସ ସବୁଦିନ ମନେ ରଖିବ। ଏହି ବୈଶ୍ୱିକ ମହାମାରୀ ଯୋଗୁଁ ଗତବର୍ଷ ଜାତୀୟ ଓ ଆନ୍ତର୍ଜାତିକ ସର୍କିଟରେ ବିମାନ ଚଳାଚଳ ବିଶେଷଭାବେ ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ବିମାନ ଚଳାଚଳ ସଂଖ୍ୟା କମ୍ ରହିଥିବା ସତ୍ତ୍ୱେ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି ବୋଲି ଏକ ସର୍ଭେରୁ ଜଣାପଡିଛି। ପୂର୍ବବର୍ଷ ତୁଳନାରେ ୨୦୨୦ରେ ବିମାନ ଦୁର୍ଘଟଣା ସଂଖ୍ୟା ୫୦ ପ୍ରତିଶତ ହ୍ରାସ ପାଇଥିଲେ ସୁଦ୍ଧା ମୃତ୍ୟୁହାର ବୃଦ୍ଧି ପାଇଛି। କୋଭିଡ୍ ଯୋଗୁଁ ବିମାନ ଚଳାଚଳ ବ୍ୟାହତ ହୋଇଥିବାରୁ ଦୁର୍ଘଟଣା ହାର ମଧ୍ୟ ସେହି ଅନୁପାତରେ ହ୍ରାସ ପାଇଥିବା କୁହାଯାଇଛି। ଆମେରିକୀୟ ସଂସ୍ଥା 'ଟୁ୭୦' ରିପୋର୍ଟ ଅନୁଯାୟୀ ୨୦୨୦ରେ ମୋଟ ୪୦ଟି ବିମାନ ଦୁର୍ଘଟଣା ଘଟିଥିଲା। ଏଥିମଧ୍ୟରୁ ୫ଟି ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ଥିଲା। ଏଥିରେ ମୋଟ ୨୯୯ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଜାନୁଆରୀ ୮ରେ ୧୬୭ ଯାତ୍ରୀଙ୍କୁ ନେଇ ଇରାନର ରାଜଧାନୀ ତେହେରାନରୁ କିଏଭ୍ ଅଭିମୁଖେ ଯାତ୍ରାରମ୍ଭ କରିଥିବା ୟୁକ୍ରେନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୧୬୭ ଯାତ୍ରୀ ଓ ୯ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ। ୨୨ ମେ'ରେ କରାଚିରୁ ଲାହୋର ଆସୁଥିବା ପାକିସ୍ତାନ ଏୟାରଲାଇନ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୯୭ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଏହିବର୍ଷ ପ୍ରତି ୧୦ ଲକ୍ଷ ଉଡାଣରେ କେବଳ ୦.୨୭ ପ୍ରତିଶତ ଭୟଙ୍କର ଦୁର୍ଘଟଣା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ଗତ ଦୁଇ ଦଶନ୍ଧିର ରିପୋର୍ଟକୁ ଅନୁଧ୍ୟାନ କଲେ ବିମାନ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଆସୁଛି। ତେବେ ବିମାନ ଦୁର୍ଘଟଣା ପ୍ରସଙ୍ଗରେ ୨୦୧୭ ସବୁଠାରୁ ନିରାପଦ ବର୍ଷ ଭାବେ ମାନ୍ୟତାଲାଭ କରିଛି। ଏହିବର୍ଷ ବିଶ୍ୱରେ ମାତ୍ର ଦୁଇଟି ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଥିବାବେଳେ କେବଳ ୧୩ ଜଣ ପ୍ରାଣ ହରାଇଥିଲେ।

# ନୂଆ ସଂସଦ ଭବନ ପ୍ରକଳ୍ପକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ



**ନୂଆଦିଲ୍ଲୀ(ଏଜେନ୍ସି):** ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ନିର୍ମାଣ ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଅନୁମତି ଦେଇଛନ୍ତି। ଏଥିରେ ସଂସଦ ଭବନ ଏବଂ ସରକାରୀ କାର୍ଯ୍ୟାଳୟର ପୁନଃନିର୍ମାଣର ଲକ୍ଷ୍ୟ ରଖାଯାଇଛି। ତେବେ ଅନେକ ସର୍ତ୍ତର ସହ ସୁପ୍ରିମକୋର୍ଟ ଏହା ସପକ୍ଷରେ ରାୟ ଦେଇ ଜମି ପରିବର୍ତ୍ତନ ନେଇ ପରିବେଶ ମନ୍ତ୍ରାଳୟ ଦେଇଥିବା ସୁପାରିଶକୁ ବଜାୟ ରଖିଛନ୍ତି। ଏହି ପ୍ରକଳ୍ପକୁ ବିରୋଧ କରି ଅନେକ ପିଟିସନ ସୁପ୍ରିମକୋର୍ଟରେ ଆଗତ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ ସରକାର ବିନା କୌଣସି ନିୟମ ପାଳନ କରି ପ୍ରକଳ୍ପ ଆରମ୍ଭ କରୁଛନ୍ତି। ଏଥିପାଇଁ ପରିବେଶ ମନ୍ତ୍ରାଳୟର ଅନମୁତି ନଥିଲା। ଏହା ଦ୍ୱାରା ସଂସଦ ଆଖପାଖରେ ଥିବା ଐତିହାସିକ ସ୍ମାରକୀକୁ କ୍ଷତି ପହଞ୍ଚିପାରେ। ଜଷ୍ଟିସ ଏଏମ ଖାନୱିଲକରଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ୨:୧ ମତରେ ପ୍ରକଳ୍ପ ନିର୍ମାଣ ଲାଗି ଅନୁମତି ଦେଇଛନ୍ତି। କୋର୍ଟଙ୍କ ପକ୍ଷରୁ କୁହାଯାଇଛି ଯେ ଡିଡିଏ ଆଇନ ଅଧିନରେ ହୋଇଥିବା କ୍ଷମତା ବଣ୍ଟନ ଯଥାର୍ଥ ଏବଂ ବୈଧ। ସେହିପରି ମନ୍ତ୍ରାଳୟ ଦ୍ୱାରା ଦିଆଯାଇଥିବା ପିରବେଶ ମଞ୍ଜୁରୀ ସମ୍ପର୍କୀତ ସୁପାରିଶ ମଧ୍ୟ ଯଥାର୍ଥ ଏବଂ ସଠିକ୍। ତେଣୁ ଆମେ ଏହାକୁ ବଜାୟ ରଖୁଛୁ। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଡିସେମ୍ବର ୧୦ ତାରିଖରେ ନୂଆ ସଂସଦ ଭବନର ଶିଳାନ୍ୟାସ କରିଥିଲେ।

## ମିଛ କେଶ୍‌ରେ ଜେଲ୍ ପଠାଇବା ମାମଲା

# ପୁଲିସ୍ ଅଧିକାରୀଙ୍କୁ ଜରିମାନା ଦଣ୍ଡାଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ(ଏନ୍.ଏମ୍):** ମାନବାଧିକାର ଉଲଂଘନ ପ୍ରସଙ୍ଗ ଓ ବେଆଇନ ଭାବେ ୨ଜଣଙ୍କୁ ଜେଲ୍ ପଠାଇବା ନେଇ ରାଜ୍ୟ ମାନବାଧିକାର ଆୟୁକ୍ତ ଦୁଇ ପୁଲିସ୍ ଅଧିକାରୀଙ୍କ ବିରୋଧରେ ପ୍ରଦାନ କରିଥିବା ଜରିମାନା ଦଣ୍ଡାଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ସମ୍ବଲପୁର ଜିଲ୍ଲାର ତେଲକୋଇ ଥାନାର ଆଇଆଇସି ପ୍ରକାଶ କୁମାର କର୍ଣ୍ଣଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ସି.ଆର୍ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର ଆୟୁକ୍ତ ପ୍ରଦାନ କରିଥିବା ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥି ସହିତ ମାନବାଧିକାର କମିସନଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟ ରାଜ୍ୟ ମାନବାଧିକାର ଆୟୁକ୍ତ, ରାଜ୍ୟ ସରକାରଙ୍କ ଗୃହ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ, ବିଶ୍ୱପ୍ରିୟ କାନୁନଗୋ, ବିଜୟ କୁମାର ପଣ୍ଡା, ହଲୁ ଗୁର୍ଲା ଓ ରାଘବ ନାୟକଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀ ପ୍ରକାଶ କୁମାର କର୍ଣ୍ଣ ୨୦୧୬ ଅଗଷ୍ଟ ୧୧ ତାରିଖରୁ ୨୦୧୭ ଅକ୍ଟୋବର ୨୨ ତାରିଖ ପର୍ଯ୍ୟନ୍ତ ବରଗଡ ଜିଲ୍ଲାର ପାଇକମାଳ ଥାନାର ଥାନା ଅଧିକାର ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ଏହି ଥାନା ଅଧିନରେ ଥିବା ଜିତୁ ଦଣ୍ଡସେନା ନାମକ ଜଣେ ୧୭ ବର୍ଷୀୟ ବାଳକ ଗତ ୨୦୧୬ ଡିସେମ୍ବର ୧୬ ତାରିଖରୁ ନିଖୋଜ ହୋଇଯାଇଥିବା ନେଇ ପାଇକମାଳ ଥାନାରେ ୨୦୧୬ ଡିସେମ୍ବର ୨୫ ତାରିଖରେ ମିସିଙ୍ଗ୍ ରିପୋର୍ଟ କରାଯାଇଥିଲା। ଏ ନେଇ ଥାନାରେ ପିଏସ୍ କେଶ୍ ୧୮୭/୨୦୧୬ ମାମଲା ରୁଜୁ କରାଯାଇଥିଲା। ଏହା ପରେ ଥାନାର ଏସ୍.କେ ଦାସ ନାମକ ଜଣେ ଏଏସ୍‌ଆଇଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ପରେ ନିଖୋଜ ବାଳକଙ୍କ ଦ୍ୱାରା ୨ଟି ମୋବାଇଲ୍ ଫୋନ୍ ବ୍ୟବହାର କରାଯାଉଥିବା ନେଇ ଜଣାପଡିଥିଲା। ନିଖୋଜ ଜିତୁ ବ୍ୟବହାର କରୁଥିବା ମୋବାଇଲ୍ ଫୋନ୍‌କୁ ୨୦୧୭ ମସିହା ମାର୍ଚ୍ଚ ୨୪ ତାରିଖରେ ବରଗଡର ରାମ ନାରାୟଣ ମିଶ୍ର ଓ ଗଣପତ କୁମ୍ଭାରଙ୍କ ନିକଟରୁ ଜବତ କରାଯାଇଥିଲା। ତେବେ ସେମାନେ ଏହାକୁ ହାଲୁ ଗୁର୍ଲା ଓ ରାଘବ ନାୟକଙ୍କ ନିକଟରୁ ଆଣିଥିଲେ ବୋଲି ପ୍ରକାଶ କରିଥିଲେ। ଏହା ପରେ ପୁଲିସ୍ ହାଲୁ ଗୁର୍ଲାକୁ ଓ ରାଘବକୁ ପଚରା ଉଚରା କରିଥିଲା। ଉଭୟ ରାଘବ ଓ ହାଲୁ ପୁଲିସ୍ ଆଗରେ ମାନିଥିଲେ ଯେ ସେମାନେ ଜିତୁ ନିକଟରୁ ମୋବାଇଲ୍ ଓ ଟଙ୍କା ଚୋରି କରି ନେଇଯିବା ପରେ ତା ତଣ୍ଟି ଚିପି ମାରି ଦେଇଥିଲେ। ଏହା ପରେ ତା ଶବକୁ ପୋତି ଦେଇଥିଲେ। ସେମାନେ ଜିତୁ ନିକଟରୁ ଆଣିଥିବା ମୋବାଇଲ୍ ଫୋନ୍‌କୁ ରାମ ନାରାୟଣ ମିଶ୍ର ଓ ଗଣପତ କୁମ୍ଭାରଙ୍କୁ ବିକ୍ରି କରି ଦେଇଥିଲେ ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଥିଲେ। ଏହା ପରେ ରାଘବ ଓ ହାଲୁକୁ ନେଇ ପୁଲିସ୍ ଶବ ପୋତା ସ୍ଥାନକୁ ନେଇଥିଲା। ତେବେ ପାଣି ଓ ଘାସ ଜମିଥିବାରୁ ଶବ ଚିହ୍ନଟ ହୋଇପାରିନଥିଲା। ପୁଲିସ୍ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଆଧାରରେ ଉଭୟ ରାଘବ ଓ କାଲୁକୁ ଗିରଫ କରି ଜେଲ୍ ପଠାଇ ଦେଇଥିଲା। ଏହି ଘଟଣାରେ ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ମାମଲାର ତଦନ୍ତଭାର ନିଜେ ନେଇ ପଦମପୁର ଏସ୍‌ଡିଜେଏମ୍ ଅଦାଲତଙ୍କ ନିକଟରେ ଉକ୍ତ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ୩୦୨/୨୦୧ ଦଫାରେ ମାମଲା ରୁଜୁ କରିବାକୁ ଆବେଦନ କରିଥିଲେ। ଅଦାଲତ ମଧ୍ୟ ଏପରି ଆବେଦନକୁ ଅନୁମତି ପ୍ରଦାନ କରିଥିଲେ। ଏହି ଘଟଣା ପରେ ବରଗଡ ଏସ୍.ପି ୨୦୧୭ ଜୁଲାଇ ୧୫ ତାରିଖରେ ଉକ୍ତ ମାମଲାକୁ ବରଗଡ ଟାଉନ୍ ଥାନାକୁ ସ୍ଥାନାନ୍ତର କରିବାକୁ ଆଦେଶ ଦେଇଥିଲେ। ଏସ୍.ପି.ଙ୍କ ନିର୍ଦ୍ଦେଶ ଆଇଆଇସି ଶ୍ରୀ କର୍ଣ୍ଣ ବରଗଡ ଥାନାକୁ ଉକ୍ତ ମାମଲା ସ୍ଥାନାନ୍ତର କରିବା ପରେ ବରଗଡ ଥାନାରେ ୨୦୧୭ ଜୁଲାଇ ୧୬ ତାରିଖରେ ମାମଲା ରୁଜୁ କରି ଆଇପିସିର ୩୦୨/୨୦୧ ଓ ୩୪ ଦଫାରେ ଏଫ୍‌ଆଇଆର୍ ରୁଜୁ କରିଥିଲେ। ଏହି ମାମଲା ଅଦାଲତରେ ଅଭିଯୁକ୍ତମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିଲା। ଏହି ଘଟଣା ପରେ ଆବେଦନକାରୀଙ୍କ ନିକଟରୁ ଅଭିମନ୍ୟୁ ନାୟକ ମାମଲାର ତଦନ୍ତଭାର ନେଇଥିଲେ। ଏହି ଅବସରରେ ୨୦୧୭ନଭେମ୍ବର ୧୮ ତାରିଖରେ ଅଭିଯୁକ୍ତ ରାଘବ ନାୟକ ଜାମିନ ପାଇଥିଲାବେଳେ ୨୦୧୮ ମାର୍ଚ୍ଚ ୭ ତାରିଖରେ ଅନ୍ୟତମ ଅଭିଯୁକ୍ତ ହାଲୁ ଗୁର୍ଲା ମଧ୍ୟ ଜାମିନ ପାଇଥିଲେ। ତେବେ ଏପରିସ୍ଥିତିରେ ନିଖୋଜ ଥିବା ଜିତୁ ଦଣ୍ଡସେନାକୁ ପାଇକମାଳ ପୁଲିସ୍ ୨୦୧୮ ମସିହା ମାର୍ଚ୍ଚ ୧୦ ତାରିଖରେ ଉଦ୍ଧାର କରିଥିଲା। ସମ୍ବାଦପତ୍ରରେ ପ୍ରକାଶିତ ଏ ସମ୍ପର୍କିତ ଖବରକୁ ଆଧାର କରି ଆବେଦନକାରୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ଅନ୍ୟ ଜଣେ ଓଡିଶା ମାନବାଧିକାର ଆୟୁକ୍ତରେ ମାମଲା ରୁଜୁ କରିଥିଲେ। ଏଥିରେ ବେଆଇନ ଭାବେ ଉଭୟଙ୍କୁ ଗିରଫ କରି ଜେଲ୍ ପଠାଇବା ଘଟଣାରେ କ୍ଷତିପୂରଣ ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ମାନବାଧିକାର ଆୟୁକ୍ତ କ୍ରାଇମ୍‌ବ୍ରାଞ୍ଚକୁ ରିପୋର୍ଟ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ। ତଦନୁସାରେ କ୍ରାଇମ୍‌ବ୍ରାଞ୍ଚ କମିଶନରେ ରିପୋର୍ଟ ଦାଖଲ କରିଥିଲେ। ଏଥିରେ ତଦନ୍ତକାରୀ ଅଧିକାରୀମାନେ ସଠିକ୍ ଭାବେ ତଦନ୍ତ କରିନାହାଁନ୍ତି ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ନିଖୋଜ ଥାଇ ପରବର୍ତ୍ତୀ ପର୍ଯ୍ୟାୟରେ ଉଦ୍ଧାର ହୋଇଥିବା ଜିତୁ ଦଣ୍ଡସେନାର ୧୬୪ ବୟାନ ରେକର୍ଡ କରାଯାଇଥିଲା। ଏହି ଘଟଣାରେ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଆବେଦନକାରୀ ଆଇଆଇସି ଶ୍ରୀ କର୍ଣ୍ଣ ଓ ଏଲ୍.ଏନ୍ ପଣ୍ଡା ମାନବାଧିକାର ଆୟୁକ୍ତରେ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। କମିଶନ ଏହି ଘଟଣାରେ ଥାନା ଆଇଆଇସି ଓ ଶ୍ରୀ ପଣ୍ଡା ଉଭୟ ଅଧିକାରୀଙ୍କୁ ଏହି ଘଟଣାରେ ଦୋଷୀ ସାବ୍ୟସ୍ତ କରି ବେଆଇନ ଭାବେ ଗିରଫ ହୋଇ ଜେଲ୍ ଭୋଗିଥିବା ୨ଜଣଙ୍କ ମାନବାଧିକାର ଉଲଂଘନ ପ୍ରସଙ୍ଗରେ ଉଭୟ ଅଧିକାରୀଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଟଙ୍କା ଦୁଇ ଅଧିକାରୀଙ୍କ ନିକଟରୁ ଆଦାୟ ହେବ ବୋଲି କମିଶନ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ମାନବାଧିକାର ଆୟୁକ୍ତଙ୍କ ଉକ୍ତ ଆଦେଶକୁ ଖାରଜ କରିବାକୁ ଉଭୟ ଅଧିକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି କମିଶନଙ୍କ ଜରିମାନା ଆଦେଶ ଉପରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।




## କୃଷି, କୃଷକ ଓ ସରକାର

ସମ୍ପ୍ରତି ସରକାରଙ୍କ କୃଷି ଆଇନକୁ ନେଇ ଦେଶରେ ନିଆଁ ଜଳୁଛି । ସୃଷ୍ଟି ହୋଇଛି କୃଷକ ଅସନ୍ତୋଷ । ସରକାର କୃଷି ସମ୍ପଦ ତଥା କୃଷକଙ୍କ ସ୍ୱାର୍ଥକୁ କର୍ପୋରେଟ ହାଉସ ହାତରେ ଟେକିଦେଉଥିବା କୃଷକମାନେ ଅଭିଯୋଗ ଆଣିଛନ୍ତି । ଅନ୍ୟପକ୍ଷରେ ସରକାର ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ କୃଷକଙ୍କ ସ୍ୱାର୍ଥରେ ଏଭଳି ଆଇନ କରାଯାଇଥିବା କହୁଛନ୍ତି । ତେବେ କମାର କହୁଛି ଛାଡ଼ିବିନି, ଲୁହା କହୁଛି ବଢ଼ିବିନି ନ୍ୟାୟରେ ସରକାର ଓ କୃଷକ ନିଜ ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ଯାହାଦ୍ୱାରା କୃଷକ ଆନ୍ଦୋଳନ ଦିନକୁ ଦିନ ତିବ୍ରତର ହେବାରେ ଲାଗିଛି । ଆଉ କେହି କେହି ସରକାରଙ୍କ ଏଭଳି ନୀତିକୁ ନିନ୍ଦା କରି ବ୍ରିଟିଶ ଶାସନ ସହିତ ତଉଲ କରିସାରିଲେଣି । ହେଲେ ସରକାରଙ୍କ ଏହି ଆଇନ ଦ୍ୱାରା କିଏ ଉପକୃତ ହେବେ ସେକଥା ମଧ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବହୁ ବୁଦ୍ଧିଜୀବୀ ଚର୍ଚ୍ଚା କରୁଛନ୍ତି । ଅନ୍ୟପକ୍ଷରେ ଦେଶର ସୁରକ୍ଷା ପାଇଁ ଜବାନ ଓ କିଶାନଙ୍କ ଅବସ୍ଥା ଉନ୍ନତି ଘଟିବା ଆବଶ୍ୟକ । ନଚେତ ଦେଶର ପ୍ରଭୂତ କ୍ଷତି ଘଟିବ ଏଥିରେ ସନ୍ଦେହ ନାହିଁ । ଜଣେ ବୈଦେଶୀକ ଶତ୍ରୁ ବା ଶକ୍ତି ଆଗରେ ଛାତି ପାତି ଦେଶକୁ ସୁରକ୍ଷା ଦେଉଥିବାବେଳେ ଆଉଜଣେ ମୁଣ୍ଡ ଝାଳ ତୁଣ୍ଡରେ ମାରି ସଂସାରକୁ ଦାନା ଯୋଗାଉଛି । ହେଲେ ଏବେ ଜବାନ ଓ କିଶାନ ପରାଧୀନ ହେବାକୁ ଯାଉଛନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଯଦି କୃଷି ଓ କୃଷକମାନଙ୍କୁ କର୍ପୋରେଟଙ୍କୁ ଟେକି ଦିଆଯିବ ତେବେ ଭବିଷ୍ୟତ ଅନ୍ଧକାର ହୋଇଯିବା ସ୍ପଷ୍ଟ ହେଉଛି । ତେଣୁ ସରକାର କୃଷି ଓ କୃଷକମାନଙ୍କ ଭବିଷ୍ୟତକୁ ଘରୋଇ ସଂସ୍ଥାକୁ ନଦେଇ ଏହାର ବିକାଶ ପାଇଁ ନିଜେ ଦାୟିତ୍ୱ ନେବା ଉଚିତ । ଏକ ସବୁଜ ବିପ୍ଳବ ପାଇଁ ସରକାର ନିଜେ ଆଗଭର ହେବା ଆବଶ୍ୟକ

## ଧର୍ମ ଓ ଧ୍ୱଂସ



ଧର୍ମ ଓ ଧ୍ୱଂସ ଦୁଇ ବିପରୀତ ମୁଖୀ ଶବ୍ଦକୁ ଏକ ସଙ୍ଗରେ ଉଚ୍ଚାରଣ କଲେ ମନରେ ଏକ ଭିନ୍ନ ଧରଣର ଭୟ ଜାତ ହୁଏ । ଦୁଇଟି ଯାକ ଶବ୍ଦ 'ଧ' ଆଦ୍ୟ ଅକ୍ଷରରୁ ଆରମ୍ଭ ହୋଇଥିଲେ ମଧ ପରସ୍ପର ବିରୁଦ୍ଧ । ସ୍ୱାଧୀନତା ପ୍ରାପ୍ତିର ୭୩ବର୍ଷ ପରେ ମଧ ଆମ ଦେଶ ଭାରତରେ ଧର୍ମ ବିବାଦ ଲାଗି ରହିଛି । ଧର୍ମ ଏକ ଉତ୍କୃଷ୍ଟ ମାନର ତାତ୍ତ୍ୱିକ ଶବ୍ଦ । ଯାହାକୁ ନେଇ କବି, ଲେଖକ, ଭାବୁକ, ଦାର୍ଶନିକ ଓ ପଣ୍ଡିତ ମାନେ ଅନେକ ଲେଖା ଲେଖିଛନ୍ତି । ଧର୍ମ ଏକ କ୍ଷୁଦ୍ର ଶବ୍ଦ ଯାହା କ୍ଷୁଦ୍ର କଳେବର ମଧରେ ବିରାଟ ଅର୍ଥ ବହନ କରେ । ସାଧାରଣତଃ ଯାହାର ରୂପ ହେଲା 'ରିଲିଜିୟନ' । ଆମ ମହାନ ଦେଶ ଭାରତ ବର୍ଷ ସର୍ବ ବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଅର୍ଥାତ ଯେଉଁ ଥିରେ ଗଣଙ୍କର କ୍ଷମତାରେ ଶାସନ ଚାଲିଥାଏ । ଠିକ୍ ସେହିଭଳି ଆମ ଭାରତର ସମ୍ବିଧାନରେ ଏହା ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ବୋଲି ଲିଖିତ ହୋଇଛି । ଏଠାରେ ଆମ ସମ୍ବିଧାନରେ ସର୍ବଧର୍ମର ସମନ୍ୱୟ ରହିଛି । ହିନ୍ଦୁ, ମୁସଲିମ, ଶିଖ, ଇସାଇ, ଖ୍ରୀଷ୍ଟିୟାନ ଆଦି ଭିନ୍ନ ଭିନ୍ନ ଧର୍ମର ଲୋକ ଭାରତ ଭୂଖଣ୍ଡରେ ବାସ କରନ୍ତି । ବସୁଧୈବ କୁଟୁମ୍ବକମ ନୀତି ଆଦର୍ଶ ପାଇଁ ଭାରତ ବିଶ୍ୱ ଦରବାରରେ ସମ୍ମାନିତ । ଆମ ଦେଶରେ କିନ୍ତୁ ବାକ୍ୟଟିର ସଫଳ ରୂପାୟନ ପ୍ରତିଫଳିତ ହେଉ ଅଛିକି ? ପ୍ରତ୍ୟେକ ଶିକ୍ଷିତ ସଚେତନ ନାଗରିକ ନିଜକୁ ପ୍ରଶ୍ନକଲେ ଉତ୍ତର ସ୍ୱତଃ ପାଇ ପାରିବେ । ମାତ୍ର ବାସ୍ତବ କ୍ଷେତ୍ର ଏହାର ସମ୍ପୂର୍ଣ୍ଣ ବିପରୀତ । ମୋର ମତ କୌଣସି ଧର୍ମର ବିରୋଧ ଠିକ୍ ନୁହେଁ । ଭାରତ ସବୁ ଧର୍ମର ଆରାଧନା ପୀଠ । ଶୈବପୀଠ ଠାରୁ ଆରମ୍ଭ କରି ଶାକ୍ତ, ବୌଦ୍ଧ, ଜୈନ ପର୍ଯ୍ୟନ୍ତ ନିଜ ନିଜର ଆରାଧ ଦେବାଦେବୀଙ୍କ ଉପାସନା କରନ୍ତି ଓ ସେହି ଅନୁସାରେ ସେହି ଧର୍ମର ହୋଇଥାନ୍ତି । ଧର୍ମର ସୃଷ୍ଟି ମଣିଷର ମନକୁ ଶାନ୍ତି ଦେବା ପାଇଁ ଓ ଏହା ଶରୀର ଉପରେ ସୁପ୍ରଭାବ ପକାଇଥାଏ । ଗୋଟିଏ ଉଦାହରଣ ନେଇ ପାରିବା ଯେ, ଗୋଟିଏ ଛୁରୀର ସୁ ବ୍ୟବହାର ହେଲେ ସେ ଫଳ କାଟେ, ପରିବା କାଟେ ଓ ଘର କାମରେ ଲାଗେ । ମାତ୍ର ଏହି ଛୁରୀଟି ଯଦି ଦୃଷ୍ଟ ଲୋକର ହାତରେ ପଡେ ତେବେ ସେ ତକ୍ଷିକାଟି ମଣିଷ ମାରିବାକୁ ସକ୍ଷମ ହୋଇ ପାରେ । ସମାଜରେ ମଙ୍ଗଳ ବଦଳରେ ଅମଙ୍ଗଳ କରିପାରେ । ଆଜି ଧର୍ମର ବ୍ୟବହାର ଠିକ୍ ସେମିତି ହୋଇଛି । ଆଜିର ମଣିଷ ଧର୍ମକୁ ବିଶାଳ ଅର୍ଥରେ ନନେଇ ସଂକୀର୍ଣ୍ଣ ଅର୍ଥରେ ଗ୍ରହଣ କରୁଛି । ଫଳରେ ଧର୍ମ ଆଜି ଦଙ୍ଗା, ବୋମାମାଡ଼, ହଣାକଟା ଓ ଧ୍ୱଂସର କାରଣ ସାଜି ଯାଉଛି । ସର୍ବେ ନିଜ ନିଜ ଧର୍ମକୁ ଶ୍ରେଷ୍ଠ ବୋଲି ପ୍ରମାଣ କରିବାକୁ ଲାଗିପଡ଼ିଛନ୍ତି । ଦ୍ୱିତୀୟରେ ଆଜି ଧର୍ମ ପାଲଟି ଯାଇଛି ଏକ ଉତ୍କୃଷ୍ଟ ବ୍ୟବସାୟ, ରୋଜଗାରର ସରଳ ପନ୍ଥା । ସ୍ୱଳ୍ପ ଅର୍ଥ ବ୍ୟୟରେ ଧର୍ମକୁ ନେଇ ବ୍ୟବସାୟ କରାଯାଇଛି । ଧର୍ମକୁ ଜାଣିବା ପାଇଁ ମଣିଷ ଆଜିବି ମଧ କାହା ପାଖରେ ସମର୍ପିତ ହେଉଛି ; ଯେପରି କୁରୁକ୍ଷେତ୍ର ମହାଯୁଦ୍ଧରେ ଅର୍ଜୁନ ଶ୍ରୀ କୃଷ୍ଣଙ୍କ ଠାରେ ସମର୍ପିତ ହୋଇଥିଲେ । ମାତ୍ର ଧର୍ମବାଣୀ ଆଜି ଆମେ ଯେଉଁମାନଙ୍କ ଠାରୁ ଶ୍ରବଣ କରୁଛେ ସେମାନେ ମଧ ଧର୍ମର ମୁଖା ପନ୍ଧିଥିବା ଜଣେ ଜଣେ ଭଣ୍ଡ ବାବା ହୋଇ ପାରନ୍ତି । ତା' ପରେ ଧର୍ମର ଭୟ, ମୃତ୍ୟୁର ଭୟ ସମସ୍ତଙ୍କୁ ଘାରିଛି । ଆମର କର୍ତ୍ତବ୍ୟ ହିଁ ପ୍ରକୃତ ଧର୍ମ ଅଟେ ।

ସେହିଭଳି ଜଣେ ଦାର୍ଶନିକଙ୍କ ମତରେ ଆମ ଦେଶ ଭାରତ ବିଭିନ୍ନତା ମଧରେ ଏକତାକୁ ବିଶ୍ୱାସ କରେ । ଯଦି କେବଳ ଏକତା ହିଁ ଏକତା ରହିବ ତ ସେ ଏକତା କଦାଚିତ୍ ସମ୍ଭବ ନୁହେଁ । ବଗିଚା କେବଳ ଗୋଲାପ ଫୁଲରେ ହେଲେ ତାହା ସୁନ୍ଦର ଲାଗେ ନାହିଁ, ଅନେକ ଫୁଲର ସମାହାର ହିଁ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଆମ ଭାରତ ବର୍ଷ ଠିକ୍ ସେହିଭଳି ଏକ ଦେଶ । ତାଙ୍କ କହିବା ଅନୁସାରେ ଧର୍ମ ଦେଶ ଯୋଡ଼ିବାରେ ସାହାଯ୍ୟ କରେ । ଦେଶକୁ ସଂଗଠିତ କରିବା ପାଇଁ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ହିନ୍ଦୁର ଅର୍ଥ କରୁଣା, ଦୟା ଓ ପ୍ରେମ । ଇସଲାମର ଅର୍ଥ ମଧ ଅନୁରୂପ । ଗୋଟିଏ ଚନ୍ଦ୍ରକୁ ଇସଲାମିକ୍ ମାନେ ଇଦ୍ କା ଚାନ୍ଦ କହୁଥିବାବେଳେ ହିନ୍ଦୁ କୁମାରୀମାନେ କୁଆଁର ପୁନେଇ ବ୍ରତ ପାଳନ କରି ତାହାକୁ ଜହ୍ନମାମୁଁ ବୋଲି କହିଥାନ୍ତି । ଦୁହିଁଙ୍କ ରକ୍ତର ରଙ୍ଗ ମଧ ଲାଲ । ତେଣୁ ଜାତି, ଧର୍ମର ଭେଦ ଭାବ କାହିଁକି ? କାହିଁକି ଆଜି ଧର୍ମ ନାମରେ ଦଙ୍ଗା ହଙ୍ଗାମା ? ସମୂହ ଅର୍ଥରେ କେବଳ ଗୋଟିଏ ହିଁ ଶ୍ରେଷ୍ଠ ଜାତି ମାନବ ଜାତି । ଗୋଟିଏ ଶ୍ରେଷ୍ଠ ଧର୍ମ ମାନବ ଧର୍ମ ଏବଂ ଏହାର ପାଳନ ହିଁ ବିଶ୍ୱକୁ ଶାନ୍ତିର ମାର୍ଗ ଦେଖାଇ ପାରିବ ।

-ମାନସ କୁମାର ସେନାପତି
ବାଲେଶ୍ୱର, ଦୂରଭାଷ : ୯୧୭୮୩୭୭୦୬୧

# ଓଡ଼ିଆ ଜନଜୀବନର ଯଥାର୍ଥ ରୂପକାର ଫକୀରମୋହନ

ଦିବ୍ୟଜ୍ୟୋତି ପାଣି

ଫକୀରମୋହନଙ୍କ ସାହିତ୍ୟ ସୃଷ୍ଟି ମଧରେ ଓଡ଼ିଆ ଗଣମାନସର ଜୀବନ୍ତ ତଥା ବାସ୍ତବ ପ୍ରତିଛବି ଯେପରି ପ୍ରତିଫଳିତ ହୋଇଛି ତାହା ସମଗ୍ର ପ୍ରାନ୍ତୀୟ ଭାରତୀୟ ସାହିତ୍ୟରେ ବିରଳ । ତତ୍‌କାଳୀନ ସମାଜର ନିଛକ ପ୍ରତିଛବି ଫକୀରମୋହନଙ୍କ ହୃଦୟରେ ଉଦ୍‌ଭାସିତ ହୋଇଛି, ଯାହାକୁ ସେ ରୂପାୟିତ କରିଛନ୍ତି ତାଙ୍କ ସାହିତ୍ୟରେ । ଓଡ଼ିଶାର ଦୀର୍ଘ ୨୦୦ ବର୍ଷର ସାମାଜିକ-ରାଜନୀତିକ-ସାଂସ୍କୃତିକ-ଐତିହାସିକ ଚିତ୍ର ପ୍ରସ୍ଫୁଟିତ ହୋଇଛି ତାଙ୍କ ସାହିତ୍ୟରେ । ଫକୀରମୋହନ ହୃଦୟଙ୍ଗମ କରିଥିଲେ ଗୋଟିଏ ଜାତିର ସାହିତ୍ୟ ହିଁ ହେଉଛି ସେ ଜାତିର ଆତ୍ମା । ଯେଉଁ ଜାତିର ସାହିତ୍ୟ ଯେତେ ଉନ୍ନତ ସେ ଜାତି ସେତେ ପ୍ରଗତିଶୀଳ । ଏହି ସାହିତ୍ୟ ପୁଣି ସମସ୍ତ ସଚେତନ ବ୍ୟକ୍ତି, ସାହିତ୍ୟପ୍ରାଣ ବ୍ୟକ୍ତିତ୍ୱଙ୍କ ନିକଟରେ ପହଞ୍ଚିବାର ଆବଶ୍ୟକତା ରହିଛି । ଫକୀରମୋହନ ମୁଖ୍ୟତଃ ଥିଲେ ଜଣେ ସମାଜ ସଚେତନ ଶିଳ୍ପୀ । ସମାଜ ଓ ବ୍ୟକ୍ତି ଜୀବନରୁ ଆହରଣ କରିଥିବା ବହୁ ତିକ୍ତ-ମଧୁର ଅନୁଭୂତିର ସିନ୍ଥେସିସ୍ ହେଉଛି ତାଙ୍କ ରଚିତ ଛଅ ମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ । ଏଗୁଡ଼ିକ ବାସ୍ତବିକ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ।

ଫକୀରମୋହନ ପ୍ରଥମେ ସମାଜ ସଂସ୍କାରକ ଓ ପରେ ସାହିତ୍ୟିକ । ଲୋକ ଜୀବନକୁ ତନ୍ନ ତନ୍ନ କରି ଅଧ୍ୟୟନ କରିବାରେ ସେ ଥିଲେ ସିଦ୍ଧହସ୍ତ । ଓଡ଼ିଆ ଘରର ଚାଲିଚଳନ, ରୀତିନୀତି, ସାମାଜିକ କୁସଂସ୍କାର ଥିଲା ତାଙ୍କ ଲେଖାର ଅନ୍ତଃସ୍ୱର । ନୀପିଡ଼ିତ-ପ୍ରପୀଡ଼ିତ ଜନତାଙ୍କ ପ୍ରତି ଫକୀରମୋହନଙ୍କ ଥିଲା ଗଭୀର ମାନବିକ ସମ୍ବେଦନ । ଜୀବନର ଶତ ଦୁଃଖ-ଯାତନା-ଯନ୍ତ୍ରଣା-ଗ୍ଲାନି ଭିତରେ ସେ ସର୍ବଦା ନୂତନ ସମାଜର ସ୍ୱପ୍ନ ଦେଖୁଥିଲେ । ସେ ସ୍ୱପ୍ନ ଥିଲା ଅସୁମାରୀ । ସବୁଠୁ ଆଶ୍ଚର୍ଯ୍ୟ କଥା ସେ ଯେତିକି ବ୍ୟକ୍ତିଗତ ଅଭାବ-ଅସୁବିଧା-ନୈରାଶ୍ୟ ଭିତରେ ଗତି କରୁଥିଲେ, ତାଙ୍କର ଲେଖା-ଲେଖନୀ ସେତିକି ବଳିଷ୍ଠ ହେଉଥିଲା । ଫକୀରମୋହନ ଥିଲେ ସତରେ ଓଡ଼ିଆ ଜାତୀୟ ସାହିତ୍ୟର ଜନକ । ଓଡ଼ିଆ ତୁଣ୍ଡର କଥା-ବ୍ୟଥାକୁ, ଗାଁ ଦାଣ୍ଡର- ମା' ମୁହଁର ଭାଷାକୁ ସେ ପ୍ରୟୋଗ କରିଛନ୍ତି ତାଙ୍କର ଉପନ୍ୟାସରେ-ଗଳ୍ପରେ । ସେଇଥିପାଇଁ ସାକ୍ଷର-ନିରକ୍ଷର, ସମାଜର ସବୁବର୍ଗର ପାଠକଙ୍କୁ ଗଭୀର ଆକୃଷ୍ଟ କରୁଥିଲା ତାଙ୍କ ରଚନା । ତାଙ୍କ ଲେଖାର ବୈଶିଷ୍ଟ୍ୟ ହେଉଛି ଧାର୍ମିକ ଉଦାରତା, ଚାରିତ୍ରିକ ଶୁଦ୍ଧତା, ନାରୀ ସ୍ୱାଧୀନତା, ନାରୀ ଶିକ୍ଷା, ନିଶା ବିରୋଧ, ବାଲ୍ୟ ବିବାହ ବିରୋଧ କରିବା । ସେଥିପାଇଁ ଫକୀରମୋହନଙ୍କ ସାହିତ୍ୟକୁ ଗଣସାହିତ୍ୟ କହିବାରେ ଯଥାର୍ଥତା ଅଛି ।



ଫକୀରମୋହନ ତାଙ୍କର ଲେଖକୀୟ ଜୀବନ ମଧରେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ରଚନା କରିଥିଲେ ହେଁ ତାଙ୍କୁ ଅଧିକ ପରିଚୟ ଓ ପ୍ରତିଷ୍ଠା ମିଳିଥିଲା ଗଳ୍ପ-ଉପନ୍ୟାସରେ । ଫକୀରମୋହନଙ୍କ ରଚିତ ଗଳ୍ପ ଓ ଉପନ୍ୟାସଗୁଡ଼ିକ ମୁଖ୍ୟତଃ ସମାଜଧର୍ମୀ । ଚରିତ୍ର ଚିତ୍ରଣ ଥିଲା ଫକୀରମୋହନଙ୍କ ଏକମାତ୍ର ଧାନ । ଦୁର୍ନୀତି, ଅନୀତି, କୁସଂସ୍କାର, ବ୍ୟଭିଚାର, ଭ୍ରଷ୍ଟାଚାର, ଶଠତା ବିରୁଦ୍ଧରେ ଲୋକମତ ଜାଗ୍ରତ କରିବା ପାଇଁ ସେ ବାରମ୍ବାର ଉଦ୍ୟମ କରିଯାଇଛନ୍ତି । ଫକୀରମୋହନଙ୍କ ଲେଖକୀୟ ଶୈଳୀରେ ବାସ୍ତବତାକୁ ବେଶୀ ପ୍ରାଧାନ୍ୟ ଦିଆଯାଇଥାଏ । ବାତାବରଣ ଓ ପରିବେଶ ସୃଷ୍ଟି କରିବାରେ ଫକୀରମୋହନ ଅସାଧାରଣ । ଫକୀରମୋହନଙ୍କ କଥାସାହିତ୍ୟରେ ଓଡ଼ିଶାର ସାଧାରଣ ଜନଜୀବନ ଓ ସେମାନଙ୍କର ସମସ୍ୟା ସଂପର୍କରେ ପ୍ରଥମଥର ପାଇଁ ଉନ୍ମୋଚିତ ହୋଇଥିଲା । ଏହି ଜନସାଧରଣଙ୍କ ମଧରେ ଥିଲେ ବହୁ ସରଳ-ସହଜ-ନିଷ୍ପାପ ନାରୀ ଓ ପୁରୁଷ ।

ଫକୀରମୋହନଙ୍କ ସାହିତ୍ୟରେ ସମାଜ ସଚେତନତାର ସ୍ୱର ଅନୁରଣିତ ହୋଇଥାଏ । ତାଙ୍କ ସାହିତ୍ୟରେ ସମସାମୟିକ ରକ୍ଷଣଶୀଳ ସମାଜର ଚିତ୍ର ସ୍ପଷ୍ଟ ହୋଇଥାଏ । ଗଣ ଜୀବନର ଚିତ୍ରକୁ ସେ ତାଙ୍କ ରଚନାରେ ମର୍ମେ ମର୍ମେ ରୂପାୟିତ କରିଥିଲେ । ସେଥିପାଇଁ ତାଙ୍କ ସାହିତ୍ୟକୁ ଗଣସାହିତ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ସାହିତ୍ୟରେ ଅଦ୍ୟାବଧି ଯେତେ ସାହିତ୍ୟ ରଚନା ହୋଇଛି ତନ୍ମଧରେ ଫକୀରମୋହନଙ୍କ କୃତ ଛ'ମାଣ ଆଠ ଗୁଣ୍ଠ, ମାମୁ, ପ୍ରାୟଶ୍ଚିତ ସମାଜଧର୍ମୀ ଉପନ୍ୟାସ ହୋଇଥିବା ବେଳେ ଲଛମା ହେଉଛି ଐତିହାସିକ ଉପନ୍ୟାସ । ଛ'ମାଣ ଆଠଗୁଣ୍ଠ ହେଉଛି ଲେଖକଙ୍କର ଏକ ଯୁଗାନ୍ତକାରୀ ସୃଷ୍ଟି । ଧନୀ-ନିର୍ଦ୍ଧନଙ୍କ ମଧରେ ପାର୍ଥକ୍ୟ, ଭୂମି ସମସ୍ୟା ହିଁ ଉକ୍ତ ଉପନ୍ୟାସର ମୁଖ୍ୟ ବିଷୟବସ୍ତୁ । ଏହା ଲେଖକଙ୍କ ପ୍ରଥମ ଓ ମାମୁ ଦ୍ୱିତୀୟ ଉପନ୍ୟାସ । ବିଶିଷ୍ଟ ସମାଲୋଚକ କହନ୍ତି- 'ଛ'ମାଣ ଆଠଗୁଣ୍ଠ' ପୁର୍ଣ୍ଣତଃ କୃଷି କୈନ୍ଦ୍ରିକ, ସାମାଜିକ ଜୀବନ ଓ ଅର୍ଥନୀତି ଆଧାରିତ । 'ମାମୁ' ନଗର ଜୀବନ ଓ ଚାକିରି କୈନ୍ଦ୍ରିକ ଅଥନୀତି ଭିତ୍ତିକ ଉପନ୍ୟାସ । ଏଥିରେ ଗ୍ରାମ୍ୟ ଜୀବନର ଚିତ୍ର ପ୍ରତିଫଳିତ । ଅଛି ମଧ ଜୀବନର ଚିତ୍ତ ସଂଘର୍ଷ । ସଇତାନ ଏହି ଉପନ୍ୟାସରେ ନେଇଛି ପ୍ରମୁଖ ସ୍ଥାନ । ମିଥ୍ୟା, ଛଳନା, ପ୍ରତାରଣା ହୋଇଯାଇଛି ଅନ୍ତଃସ୍ୱର । 'ଲଛମା' ଫକୀରମୋହନଙ୍କ ଏକମାତ୍ର ଐତିହାସିକ ଉପନ୍ୟାସ । ଏହି ଉପନ୍ୟାସ ମାଧ୍ୟମରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବା ଲେଖକଙ୍କ ଏକମାତ୍ର ଲକ୍ଷ୍ୟ । 'ପ୍ରାୟଶ୍ଚିତ' ତାଙ୍କର ଶେଷ ଉପନ୍ୟାସ । ଏହା ମୂଳତଃ ଏକ ସମସ୍ୟାମୂଳକ ଉପନ୍ୟାସ । ସମାଜର ବିଭିନ୍ନ ସମସ୍ୟାକୁ ଅତୀବ ସାବଲୀଳ ଢଙ୍ଗରେ ଉପସ୍ଥାପିତ କରିଛନ୍ତି ଲେଖକ । ସମସ୍ୟାର ସମାଧାନର ସୂତ୍ର କ'ଣ ସେ ସମ୍ବନ୍ଧରେ ମଧ ଲେଖକଙ୍କ ମତ ତଥା ପ୍ରଶ୍ନ ପ୍ରଣିଧାନଯୋଗ୍ୟ । ଯଥାର୍ଥରେ ଫକୀରମୋହନ ଓଡ଼ିଆ ଉପନ୍ୟାସ ଜଗତର କାଣ୍ଡାରୀ । ଫକୀରମୋହନଙ୍କ ଜୀବନ ଥିଲା ଘଟଣାବହୁଳ । ଶ୍ରମିକ, ଶିକ୍ଷକ ଓ ଶାସକ ପ୍ରଭୃତି ପଦବୀରେ ଅଧିଷ୍ଠିତ ହୋଇ ସେ ଆହରଣ କରିଥିଲେ ବିପୁଳ ଅନୁଭୂତି ଓ ଅଭିଜ୍ଞତା । ଓମପଡ଼ା, ଢେଙ୍କାନାଳ, ଆଠଗଡ଼, କେଉଁଝରେ ଆଦି ଅଞ୍ଚଳରେ ଦେୱାନ ଭାବେ କାମ କରିବା ବେଳେ ସେ ବ୍ୟାପକ ଲୋକ ଚରିତ୍ର ଅଧ୍ୟୟନ କରିଥିଲେ । ସମାଜର ସମସ୍ତ ଦୋଷଦୁର୍ବଳତାକୁ ସେ ସତର୍କତାର ସହ ଲକ୍ଷ୍ୟ କରୁଥିଲେ ଓ ତା'ର ପର୍ଯ୍ୟାଲୋଚନା କରୁଥିଲେ । ସେଥିପାଇଁ ତାଙ୍କର ପ୍ରତ୍ୟେକ ସୃଷ୍ଟି ମାଧମରେ ସେ ସମାଜକୁ ସଂସ୍କୃତ-ମାର୍ଜିତ କରିବା ପାଇଁ ପ୍ରଯତ୍ନ କରିଛନ୍ତି । ସମୟ ଓ ସମାଜର ଜଣେ ସଚ୍ଚୋଟ ପ୍ରବକ୍ତା ଥିଲେ ଫକୀରମୋହନ । ବିଶିଷ୍ଟ ପ୍ରାବନ୍ଧିକ ନଟବର ସାମନ୍ତରାୟଙ୍କ ଭାଷାରେ- 'ଫକୀରମୋହନଙ୍କ ସମାଜ, ତାଙ୍କର ଜୀବନ ଓ ତାଙ୍କର ସାହିତ୍ୟ ଏକାଧାରରେ ସତ୍ୟ-ବାସ୍ତବ-ଚମତ୍କାର' ।

ହାଉସିଂବୋର୍ଡ଼ କଲୋନୀ
ଏମ୍/୬, ଚାରବାଟିଆ
କଟକ, ୭୫୪୦୨୮

# କଳିଯୁଗ ଦଶାରେ କଳିଯୁଗ ଅର୍ନ୍ତଦଶା ମଧ୍ୟରେ

- ଉତ୍କଳାନନ୍ଦ ଅଜୟ କୁମାର ବେହେରା -

ଏକ ବର୍ଷ ୩୬ଦିନ ୬ଘଣ୍ଟା ୧୩ମିନିଟ ୫୨ସେକେଣ୍ଡ ଯାହା ଦଶମିକ ଧାରାରେ ଦି୩୬୫.୨୫୯୬୩୬ନ. ସାଧାରଣ ବର୍ଷ ଦି୩୬୫ନ ଓ ଅଧିବର୍ଷ ଦି୩୬୬ ଧରାଯାଉଛି । କଳିଯୁଗ ଆରମ୍ଭ ଦ୍ୱାପର ଯୁଗ ଶେଷ ତା୧୮୦୨ଖ୍ରୀଷ୍ଟପୂର୍ବ ୩୧୦୨, ଶୁକ୍ରବାର ମାଘ ପୂର୍ଣ୍ଣିମା ମଧରାତ୍ର । ଏ ଦିନରୁ ଆମର ଅହର୍ଗଣ ବା ଦିନ ଗଣନାରେ ଦି୧୮୭୦୩୮୩ନ ହେଉଛି ତା୧/୧/୨୦୨୦ର ଶୂନ୍ୟଘଣ୍ଟା ଶୂନ୍ୟ ମିନିଟ ଶୂନ୍ୟ ସେକେଣ୍ଡ ବେଳକୁ ଏମିତି ହେଲେ କଳିଯୁଗ ଶେଷ ୪୩୨୦୦୦ ବର୍ଷ ପରେ ହେଲେ ବର୍ଷମାନ ମାତ୍ର ୫୧୨୦ବର୍ଷରୁ ଏ ବର୍ଷ ଆଗଉଛି ।

ଏପାଇଁ ଏହା କଳିରେ କଳି ଭୋଗକାଳ । ଯାହା କଳିମଞ୍ଜି ପୋତାରୁ କଳିଗଛ ଶାଖାପ୍ରଶାଖା ମେଲିବାକୁ ଆରମ୍ଭ କରି କଳିଫଳର ଷଡ଼ରସ୍ ପୂର୍ଣ୍ଣରେ ପୂର୍ଣ୍ଣ ? କି ରସ ଶୂନ୍ୟ ? କେହି ବୁଝିପାରୁନାହାନ୍ତି ତଥାପି ଫଳ ନହେଉଣୁ ଉପଭୋକ୍ତା ମରାମତି । ଏହା କଳିରାଜାଙ୍କର ମହାମହିମା ଧରିବାକୁ ପଡ଼ିବ । ସମୟ ରାଜ କଳିଯୁଗ ମାଟିର ରାଜା କେତେ ଆସି କେତେ ଚାଲିଗଲେ ବି ଯୁଗାରମ୍ଭ ବେଳେ ଏକ ଛୋଟା ଷଣ୍ଢକୁ ବୃତ୍ତି ଆଶ୍ରା କରିଥିବା କଳିଯୁଗର ଅଭାବ ରହିବା ମନେକରି କଳିଯୁଗକୁ ଦାରିଦ୍ର୍ୟ ଭଂଜନ ପାଇଁ ରାଜ ଅବେଦନ ଦରଖାସ୍ତ, ଆହ୍ୱାନ, କରି ଶେଷ ରାଜା ପାଣ୍ଡବଙ୍କ ଉ□ରାଧିକାରୀ ପରୀକ୍ଷିତ, ତାଙ୍କୁ ଜୁଆ, ମଦ, ଜୀବହତ୍ୟା, ଅନ୍ୟାୟ ସମ୍ମତ ନାରୀଭୋଗ ଆଉ ସୁନା ଅଧିକାର ଦିଆଇଛନ୍ତି । ସମୟରାଜ କଳି ସ୍ୱ ଦ୍ୱା□ରେ ଏହାକୁ ବେଳକୁ ବେଳ ସଂସ୍କାରିତ କରି ରାଜାଦେଶ ଦ୍ୱାରା ତାଙ୍କ ଶାସନ ଜାହିର ରଖିଛନ୍ତି । ଜୁଆର ରୂପ ଚିଟ୍‌ଫଣ୍ଡ ଲଟେରୀ, ଘୋଡ଼ା ଖେଳ ରତି, ରାତି ବଡ଼ଲୋକ ଚିନ୍ତା ଲୋକଙ୍କୁ ଗ୍ରାସ କରିଛି । ସର୍ବଦା ଖେଳ କ୍ରିକେଟ ହକି ଆମୋଦରେ ଆସୁଛି ଏ ମଧରେ ଘୋଡ଼ା ଖେଳ ପରି ମ୍ୟାଚ ଫିକ୍ସି ଧନ୍ଦା ଏମଧରେ ସର୍କସର ଘୋଡ଼ା ବେପାର କରି ଅର୍ଥ ଲଗାଣ ଲୁଚିଛପି ଚାଲୁଛି । ଜିତିବାକୁ ହରାଇବା ପାଇଁ ସଂଲଗ୍ନ କରାଯାଉଛି । ଖୁଚୁରା ଟଙ୍କା ପଇସା ମୁଦ୍ରା ବହନ କରିବା ଜଂଜାଳ ବୋଲି ସମସ୍ତେ ଧରିନେଲେ, ତୀର୍ଥବ୍ରତରେ ଦକ୍ଷିଣା ହୁଣ୍ଡିରେ ଥାଳିରେ ପକାଇବା ସହିତ ପଣ୍ଡା ପୂଜକ ସେବନ ଦକ୍ଷିଣା ପ୍ରଦାନ ଏବେ ଓଜନଦାର ମୁଦ୍ରା ପ୍ରକାର କରାଯାଉନାହିଁ । ମୋଦିବାବୁ ଆଦେଶ କରି କାଗଜ ମୁଦ୍ରା ଦୁଇ ହଜାର ବାହାର କରିଛନ୍ତି । ଏହାକୁ ହୁଏତ କଳିଯୁଗ ତାଙ୍କ ମୁଣ୍ଡରେ ପୂରାଇ ଏପରି କରିଛନ୍ତି ଧର୍ମ ପାଳନ ପାଇଁ ଅନେକ ଶାସ୍ତ୍ରବାକ୍ୟ ରହିଛି, ଗୁରୁବାଣୀ ରହିଛି ସମୟ କଳିଯୁଗର ମଧକୁ ଯେତେ ବଢୁଛି ସେତେ ଅନ୍ୟାୟ ଅନିତି ବଢୁଛି ଲୋକଙ୍କ କାଷ୍ଟ ନାହିଁ ସରଳରେ ମୁକ୍ତି ପାଇଁ ଉପାୟ ଖୋଜାରେ ସରଳରେହାସଲ ପାଇଁ ଗଳାବାଟ ଅନ୍ୱେଷଣରେ ଲାଗି ପଡ଼ିଛନ୍ତି । ଏ ସମୟରେ ଅନେକ ବର୍ଷ ଧରି ପ୍ରତିକୃତକର୍ମରେ କଷ୍ଟକୁ ବିଯୁକ୍ତ କରିବା ପାଇଁ ଉପାସନା ଆରାଧନାକୁ ସଂଯୋଗ ଥିବା ଶାସ୍ତ୍ରବାକ୍ୟକୁ ଏକ ରୋଜଗାର ପଥରେ ପକାଗଲାଣି ଭକ୍ତ ୪ ପ୍ରକାର ଯଥା- (୧)ଅର୍ଥାଥୀ, (୨)ଆର୍ତ୍ତୀ, (୩)ଜିଜ୍ଞାସୁ ଓ (୪) ଜ୍ଞାନୀ । ନାରଦଙ୍କ ପରି ଶାସ୍ତ୍ରକାରମାନେ ଭକ୍ତିକୁ ୯ଭାଗରେ ବିଭକ୍ତ କରିଛନ୍ତି । ସଂସାର ଏକ ମାୟାଚ୍ଛନ୍ନ ରଙ୍ଗଭୂମି । ଏ ମଧରେ ୧ ଧରିଲେ ତା ପଛକୁ ଅନେକ ଆବଶ୍ୟକ ଏପାଇଁ ସଂଗ୍ରହରେ ବାଧା ଉପୁଜି ସମୟ ବୃଥା ନଷ୍ଟ ହୁଏ ଜୀବନର ଉଦ୍ଦେଶ୍ୟ ଜୀବ ଭୁଲିଥାଏ ଏପାଇଁ ଆରତ (ଆର୍ତ୍ତୀଭକ୍ତ) ଆସେ । ଆରତ ତ୍ରାଣ ପାଇଁ ବ୍ୟକ୍ତିକୁ ଉପାୟ ଖୋଜ କରିବାକୁ ପଡ଼େ । ଏ ପାଇଁ 'ଦେବ ଆରାଧନା' ଆବଶ୍ୟକ ପଡ଼େ । ଏଥିରେ ଭଜନ କୀର୍ତ୍ତନ ଜଣାଣ ସରଳ ମାର୍ଗ ଥିଲେ ବି ଲୋକେ ଦର୍ଶନ ପୂଜାପାଠକୁ ବେଶୀ ବିଶ୍ୱାସ କରିବାକୁ ଲୋକ ଦେଖା ହୋଇଗଲେଣି ଏପାଇଁ ମନ୍ଦିରରେ ଲମ୍ବା ଲାଇନ, ଶିଘ୍ର ଦର୍ଶନ ଓ ଦେବତା ଅନୁକମ୍ପା ପାଇଁ ସେଠାରେ ଅଧିକାରୀମାନଙ୍କୁ ଗାନ୍ଧୀ ମାର୍କା ଗୋଲାପୀ ରାଜା ମୁଦ୍ରା ଲୋଭ ଗ୍ରାସ କରିଛି । ଏପାଇଁ ରଥଯାତ୍ରାରେ ରଥଚଡ଼ାରେ ଯନ୍ତ୍ରଣା ଓ ଟିକେ ଦର୍ଶନ ପାଇଁ କଷ୍ଟକୁ ରାସ୍ତାଭିଡ଼ ଓ ୩/୪ ମାସ ଆଗରୁ ଯାନ ଟିକଟ କ୍ରୟ ହୋଟେଲ ବୁକିଂ ଚାଲୁ ହୋଇଗଲାଣି । ଗ୍ରହ ବିଦ୍ୟାରେ ବିଗତ ଜନ୍ମ ବିଗତକାଳର କର୍ମଫଳ ଓ ଅବିଦ୍ୟା ଦଶା ଭୋଗ କାଳରେ ସମସ୍ତ କାର୍ଯ୍ୟରେ ଆଗେଇ ନେବାରେ କଷ୍ଟ ସୃଷ୍ଟିକାରୀ ହୋଇପାରେ । ଲୋକେ ଲୁହା କରତରେ ଲୁହାକୁ କାଟିବା ପଥ ନଜାଣି ପଇସା ଖର୍ଚ୍ଚ କରି ଶିଘ୍ର ମୁକ୍ତି ନିଷ୍କୃତି ପାଇଁ ଅକାରଣ ଅର୍ଥ ଓ ସମୟ ନଷ୍ଟ କରୁଛନ୍ତି । ନିଜେ ଉଦ୍ଧାର ନ ଜାଣିଥିବା ଲୋକଙ୍କୁ ଜ୍ଞାନୀ ଭକ୍ତ ମନେକରି ଧରି ଖର୍ଚ୍ଚାନ୍ତ ହୋଇ ସିଦ୍ଧ ହୋଇପାରୁ ନାହାନ୍ତି । ଏମାନେ ପୂଜାକୁ ଅର୍ଥ ରୋଜଗାର ପଥରେ ନେଉଛନ୍ତି ପ୍ରକୃତରେ ଏମାନେ ଅର୍ଥାଥୀ ଭକ୍ତ । ଯଦି ଏମାନେ ଜ୍ଞାନ ସ□ରଣ କରାଇ ପାରନ୍ତେ ତେବେ ସମୟର କଷ୍ଟ ଦିଗ ବ୍ୟକ୍ତିର ସେହିଠାରେ ହିଁ ପରିବର୍ତ୍ତନ ହୁଅନ୍ତା । ବିବାହ ଏକ ସଂସ୍କାର, ବର ଓ କନ୍ୟା ସେହିଦିନଠାରୁ ସଂସାରୀ ହେବା ଆରମ୍ଭ କେବଳ ମନ୍ତ୍ର ବୋଲି ତାର ଅର୍ଥ ଲୋକଙ୍କୁ ନଜଣାଇ କାର୍ଯ୍ୟ ଶେଷ କରିଦେଲେ ପର ସମୟ ସେମାନଙ୍କର ସଂସ୍କାରିତ କଣ ହୋଇଛି ? ତାହା ନଜାଣି ମାମଲାକୁ ଥାନା କୋର୍ଟକୁ ଆଣୁଛନ୍ତି । ଗୃହ ପ୍ରବେଶ ପିତୃମାତୃ ଶ୍ରାଦ୍ଧ କାଳୀନ ବୃଦ୍ଧି ଦିବସରେ ପୁରୋହିତଙ୍କ ବିଶେଷ କର୍ତ୍ତବ୍ୟ ସମ୍ପାଦନ ସମୟ ନିଜର ସମସ୍ତ ପରିଜନଙ୍କୁ ଏକତ୍ର ଏ ସମୟରେ କରାଯିବା ଶାସ୍ତ୍ର ନିର୍ଦ୍ଦେଶ ଯଦି ଏପରି କାର୍ଯ୍ୟ କେଉଁ ସମ୍ପର୍କୀୟ ନ କରିଛନ୍ତି ? ତାର ଖୋଜ କରି ତାକୁ ସେଥିରେ ସାମିଲ କରି ପୂଜା ପାଠର ମହତ୍ତ୍ୱ ସହିତ ଆଶିର୍ବଚନ ପ୍ରଦାନ କଲେ ସେମାନଙ୍କର ଭବିଷ୍ୟତ ମଙ୍ଗଳ ଓ ସଂସାରର ମଙ୍ଗଳ ହୋଇପାରିବ, ଏପରିକି ପୁରୋହିତ କର୍ତ୍ତବ୍ୟ ରହିବା ଉଚିତ ।

କଳିଯୁଗରେ ଧର୍ମ ୧୦ ପାଦରୁ ମାତ୍ର ୧ପାଦ ଯାହା ଶତକଡ଼ା ୧୦ଭାଗ ଏଥିରେ ପରୀକ୍ଷାରେ ପାଶ ମାର୍କ ଉଠୁନାହିଁ । ଯେଉଁ ୯୦ଭାଗ ବାଦ ଯାଇଛି ଏଥିରେ କଣ ରହିଯାଇଛି ତାକୁ ସମସ୍ତେ ଖୋଜ କରିବା ଆବଶ୍ୟକ । ସ୍ୱର୍ଗୀୟ ଆନନ୍ଦ ଏ ମଧରେ ରହିଛି ଯାହା ଧନ ରୋଜଗାରରେ ଫନ୍ଦା ନୁହଁ 'ଦାନ' ପାଇଁ ସ୍ୱାର୍ଥରକ୍ଷା କ୍ୟାମେରାରେ ଫଟୋ ଉଠା ଖବର କାଗଜରେ ନାମ ରଖା । ପୁଣି ଦାନ ଦେଇ ପ୍ରତିଦାନର ମଞ୍ଜିପୋତିବା କେବେ ଶାସ୍ତ୍ରବାନ ନୁହଁ । ବ୍ରାହ୍ମଣ ଦାନ ଉପଭୋକ୍ତା କାହିଁକି କୁହାଯାଇଛି ଅସ୍ତ୍ର ଭୟ ଶକ୍ତିରେ କ୍ଷତ୍ରୀୟମାନେ ସମ୍ପତି ଧନ ସଂଗ୍ରହ କରନ୍ତି । ବୈଶ୍ୟମାନେ ଆମଦାନୀ ରପ୍ତାନୀ ଦେଶାନ୍ତରରୁ ଦ୍ରବ୍ୟ ସମ୍ବନ୍ଧରୁ ରୋଜଗାର ସହିତ ମୌଳିକକୁ ଯୌଗିକ କରି ରୋଜଗାର କ୍ଷମ ତୁରନ୍ତ ହୁଅନ୍ତି । ଶୁଦ୍ରମାନେ ସେଠାରୁ ଅର୍ଥ ଦ୍ରବ୍ୟ ହାସଲ କରନ୍ତି ମାତ୍ର ବ୍ରାହ୍ମଣ ବିଦ୍ୟା ଦାନ ସଦ୍‌ବୁଦ୍ଧି ଦାନରୁ ସମାଜକୁ ଶାନ୍ତିରେ ସ୍ଥିରରେ ରଖିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତି । ଏଥିପାଇଁ ଏମାନେ ପୁର ହିତକାରୀ ପୁରୋହିତ । ଗୁଜରାଣ ମେ□ାଇବାକୁ ବଡ଼ କଷ୍ଟ ଏପାଇଁ ଦାନ ବାଟେ ସେମାନେ କାର୍ଯ୍ୟ ପାଇଁ ଆଗ୍ରହୀ ହୁଅନ୍ତି ଓ ଦାନ ସମୟରୁ ବ୍ୟକ୍ତିକୁ ଏକ ସ୍ୱର୍ଗୀୟ ସୁଖ ଉପଭୋଗ କରାଇପାରନ୍ତି । ମାତ୍ର 'ଯାଚି କଲ୍ୟାଣ ମାଗି ଓଳଗୀ' ପଥ ଏବେ ଦେଖାଗଲାଣି ଅଧିକାରୀ ରାଜନେତା ଏବେ ଆଶିର୍ବାଦ କରିବା ଧରାଯାଉଛି ସେ ଜଣକୁ ଏମ୍‌ଏଲଏ, ଏମ୍‌ପି ଟିକେଟ ଦିଆଇ ଦେଲେ । ପ୍ରକୃତରେ ଜନାଦେଶ ନ ହେଲେ ସେ ଟିକେଟର ମୂଲ୍ୟ କିଛି ନୁହେଁ । 'ଶକ୍ତି' କିପରି କାମ କରୁଛି ତାକୁ କେହିକୁହେ କି ? କଳିଯୁଗର ତାକୁ କେହି ବୁଝିପାରୁନାହାନ୍ତି । ରାଜ୍ୟ ସୀମା ଦେଶ ସୀମା ଆୟତନରେ ବଢ଼ିଛି ରାଜଧର୍ମ କଣ ବର୍ତ୍ତମାନ ଅବୁଝା ପ୍ରଜାଙ୍କୁ ଭେଳିକି ଲାଗିଛି । ପୂର୍ବେ ରାଜ୍ୟ ପରିସୀମା ସଂକୁଚିତ ଥିଲେ ବି ଲୋକେ ତା ମଧରେ ତାଙ୍କରି ଶ୍ରମଜାତ ଶସ୍ୟ ଫସଲ ପନିପରିବାରେ ଚଳୁଥିଲେ ବର୍ତ୍ତମାନ କିଣିଖିଆ ବଢ଼ିଛନ୍ତି ସହର ବଜାର ଖୋଲି ଗଲାଣି ହେଲେ ଦ୍ରବ୍ୟ ଅଭାବ ଭୋଜନ ଦ୍ରବ୍ୟ ପାଇଁ ସର୍ବ ସମୟରେ ମହାଚିନ୍ତା ପ୍ରକଟକୁ ରାଜକର ବୃଦ୍ଧିରେ ଲୋକେ ଅତିଷ୍ଠ । ଏକ ମଣ୍ଡାଖିଆ ପଣ୍ଡାକୁ ଭୀମ ଖତମ୍ କରିବା ସମସ୍ତେ ଜାଣିଥିବେ ଏବେ ଏପରି ଅନେକ ମଣ୍ଡାଖିଆ ପଣ୍ଡା ବକ ପରି ଟାକି ରହିବା ଆସୁର ଚାଲୁ କଲେଣି । କର୍ମକୁଣ୍ଠ ହୋଇ ଲୋକମାନେ ଜମିର କାମଧେନୁତ୍ୱ ନବୁଝି କଂସେଇକୁ ଗାଈ ବିକ୍ରି କରିବା ପରି ଜମିଜମା ବିକ୍ରୟ କରିଦେଉଛନ୍ତି । ଯାହା ଫଳରେ ଘରୁଆ ଲୋକ ଅଘରା ହେଉଛନ୍ତି । ଆମେ ଭଜନ କୀର୍ତ୍ତନ ଦିଗକୁ ଯିବା ଶାସ୍ତ୍ରଜ୍ଞାନକୁ କାମରେ ଲଗାଇବା ସଂସ୍କାରିତ ବ୍ରାହ୍ମଣଙ୍କ ଉପଦେଶ ମାନିବା ଗୁରୁମାର୍ଗରେ ଶୁଦ୍ଧ ଚିନ୍ତକଙ୍କ ଉପଦେଶ ନେଲେ ଏଭଳି ତାରଣ ସମ୍ଭବ ହେବ ।

ସମ୍ପାଦକ 'ବରେଣ୍ୟବାଣୀ'
ପିସି ସରକାର ଲେନ୍, ଅରୁଣଦୋୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଅନ୍ୟକୁ ହିଂସା କରି ଲୋକହସା ହେବା ଅପେକ୍ଷା ନିଜର ଔକାତକୁ ନିଜେ ମନେରଖିବା ଉଚିତ

ସଂସାରରେ କେହି କିଛି ହରାନ୍ତି ନାହିଁ କି କିଛି ପାଆନ୍ତି ନାହିଁ । ଅର୍ଥାତ ହରାଇବା ଓ ପାଇବା କେବଳ ଏକ ଚିନ୍ତାଧାରା । ତେବେ କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡେ । ଦୋକାନରେ ତୁମେ ପଇସା ଦେଲେ ଜିନିଷ କିଣିଥାଅ । ପଇସା ହରାଇଲ ଆଉ ଜିନିଷ ପାଇଲ । ପରିଶ୍ରମ କରି ଚାଷୀ ଫସଲ ପାଏ । ବଳ ହରାଏ । ତାକୁ ଫସଲ ମିଳେ । ରୋଗୀ ଔଷଧ ଗ୍ରହଣ କରି ରୋଗକୁ ହରାଏ । ଗୋଟିଏ ହରାଇଲେ ଆଉ ଗୋଟିଏ ମିଳିଥାଏ । ଯଦି ତୁମେ ଆଜି କିଛି ହରାଇଛ, ତା' ବଦଳରେ କିଛି ପାଇଛ ବୋଲି ବୁଝିନେବାକୁ ହେବ । ଯାହା ପାଇଛ ବା ପାଇବାକୁ ଯାଉଛ, ତାହା ଈଶ୍ୱର ଦତ୍ତ ଏବଂ ମଙ୍ଗଳକର । ଏଇ ଭାବନା ରହିଲେ ଜୀବନ ଯାତ୍ରା ଆନନ୍ଦରେ ପୂର୍ଣ୍ଣ ହୋଇଥାଏ । ତେବେ ମଣିଷ ସର୍ବଦା ନିଜ ଔକାତ ଭିତରେ ରହିବା ଆବଶ୍ୟକ । ନିଜର ଆଶା ଆକାଂକ୍ଷା ସୀମିତ ମଧରେ ରହିବା ଦରକାର ନଚେତ ବିନାଶ ନିଶ୍ଚିନ୍ତ । ଏହା ସହିତ ଯେବେ ନିଜର ଗୁରୁତ୍ୱ, ନିଜର ମହାନତାକୁ ମଣିଷ ବୁଝିଯାଏ, ସେତେବେଳେ ଯାତ୍ରା ସଫଳ ହୁଏ । ଉଦାହାଣ ସ୍ୱରୂପ ଦିନେ ମହିଳାମାନେ ସନ୍ଧ୍ୟାରେ ଏକାଠି ହୋଇ ଯାତ୍ରା ଦେଖିବାକୁ ଗଲେ । ସୁନା ଅଳଙ୍କାରରେ ଖୁବ୍ ସଜେଇ ହୋଇ ଥାଆନ୍ତି । ଗପସପରେ ମାତିଗଲେ । ଯାତ୍ରା ଦେଖି ଠିକଣା ସମୟରେ ଘରେ ବି ପହଞ୍ଚି ଗଲେ । ଜଣେ ମହିଳା ଘରେ ପହଞ୍ଚି ଦେଖନ୍ତି ତ ତାଙ୍କ ସୁନାର କାନଫୁଲ ନାହିଁ । କେଉଁଠି ଖସି ପଡ଼ିଥିଲା । ବହୁତ ବିଚଳିତ ହେଲେ । ପରଦିନ ଭୋର୍‌ରୁ ଉଠି କାନଫୁଲ ଖୋଜିବାକୁ ଗଲେ । ରାସ୍ତାର ଗୋଟିଏ କଡ଼ରେ ବାଲି ଉପରେ କାନଫୁଲ ପଡ଼ିଥିବା ଦେଖି ଖୁସିହୋଇଗଲେ ଓ ସଂଗେ ସଂଗେ ଉଠାଇ ଆଣିଲେ । ଆଣିଲାବେଳେ ସେହି ସୁନାଫୁଲର କାରୁକାର୍ଯ୍ୟ ଭିତରେ ଗୋଟିଏ ଗୋଡ଼ି ରହି ଯାଇଥିଲା । ସୁନା କାନଫୁଲକୁ ଅତି ଯତ୍ନରେ ଫରୁଆ ଭିତରେ ରଖିଦେଲେ । ସେଇଠି ଗୋଡ଼ି ଓ ସୁନାଫୁଲ କଥା ହେଉଥିଲେ । ଗୋଡ଼ି କହିଲା- 'ଭଉଣୀ ! କାଲି ତୁମେ ତଳେ ପଡ଼ିଥିଲ ବୋଲି କେତେ କାନ୍ଦୁଥିଲ । ଆଜି ତୁମକୁ ପୁଣି ଫରୁଆରେ ରଖି ଦିଆ ଯାଇଛି । ସୁନା ଯେଉଁଠି ଥିଲେ ବି ଜଣେ ଚିହ୍ନରା ମଣିଷ ହାବୁଡ଼ରେ ପଡ଼ିଲେ ତା'ର ଆଦର ବଢ଼େ । ମୁଁ ତ ଗୋଡ଼ି । ତୁମ ସହିତ ଯେତେ ଦିନ ରହିଲେ ବି ସୁନା ହୋଇ ପାରିବି ନାହିଁ । ସମସ୍ତଙ୍କ ଜୀବନରେ ଭଲ-ମନ୍ଦ ଥାଏ । ପରିସ୍ଥିତିରେ ପଡ଼ି କିଏ ଟିକିଏ ଅଟକି ଯାଆନ୍ତି ତ କିଏ ଆଗକୁ ଯାଏ । ତା' ମାନେ ନୁହେଁ କେହି ଖରାପ ହୋଇଗଲା ।' ପୁଣି ଗାଁରେ ଯାତ୍ରା ହେଲା । ମହିଳା ଜଣକ ସେହି ସୁନାଫୁଲ ପିନ୍ଧିଲା ବେଳେ ଗୋଡ଼ିଟି ଦେଖିଲେ । ଗୋଡ଼ି କହିଲା- 'ଭଉଣୀ ! ଏବେ ମୋର ବିଦାୟ ସମୟ । ଏତିକି ମନେ ରଖିଥିବ ସୁନା ସବୁ ବେଳେ ସୁନା । ଗୋଡ଼ି ସବୁବେଳେ ଗୋଡ଼ି । ସୁନା କୌଣସି କାରଣରୁ ତଳେ ପଡ଼ିଗଲେ ତା' ମୂଲ୍ୟ କମି ଯାଏନା ବା ଗୋଡ଼ି କୌଣସି ସ୍ଥିତରେ 'ରୁଆରେ ରହିଗଲେ ତା' ମୂଲ୍ୟ ବଢ଼ି ଯାଏ ନାହିଁ । ତୁମେ ଯେତେବେଳେ ମହିଳାଙ୍କ କାନକୁ ହରାଇ ଥିଲ, ରାସ୍ତାରେ ପଡ଼ିଲ । ରାସ୍ତାକୁ ହରାଇଲ, ଫରୁଆରେ ରହିଲ । ଏବେ ଫରୁଆକୁ ଛାଡ଼ି ପୁଣି କାନକୁ ଯାଉଛ । ମୁଁ ବି ଫରୁଆ ହରାଇ ବାହାରକୁ ଯାଉଛି । ଯିଏ ଯେଉଁ ସ୍ଥିତିରେ ଥିଲେ ବି ସେ ତାହା ହୋଇଥାଏ । କେହି ବି ନିଜକୁ ଦୁର୍ବଳ, ହୀନ ଭାବିବା ଉଚିତ୍ ନୁହେଁ ।' ଯଦି ମଣିଷ ନିଜର ଔକାତକୁ ଭୁଲିଯିବ କିମ୍ବା ବାମନ ହୋଇ ଚାନ୍ଦଧରିବା ଭଳି ବୃଥା ଆଶା କରିବ ତେବେ ତା' ପାଇଁ ବିପଦ ମାଡ଼ିଆସିବାର ସମ୍ଭାବନା ରହିଛି । ଏଥିସହିତ ସେ ଲୋକହସା ହେବାର ଦୃଷ୍ଟାନ୍ତ ମଧ ରହିଛି । ତେଣୁ କଥାରେ ଅଛି ବରଜୀବ ରସେ ଦେଇ ମାନସ ବରଜି ବରସେ ଅମେଧ ଗ୍ରାସ ଦେହେ ମନ୍ଦାକୀନି ରଜ ଲଗାଇ ଗ୍ରାମଶୂକରୀ କି ହୋଇବ ଗାଈ ? ତେଣୁ ସମସ୍ତେ ନିଜର ଔକାତ ସମ୍ପର୍କରେ ନିଜେ ବୁଝିବା ସହିତ ଏହାକୁ ମନେରଖିବା ଆବଶ୍ୟକ ।




# ୫-ଟି ଆଧାରରେ କାର୍ଯ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନର ବୈଠକ

## 'ସାମର୍ଥ୍ୟ ଓ ସକରାତ୍ମକ ମନୋଭାବ ରଖି କାର୍ଯ୍ୟକଲେ କଟକ ଜିଲ୍ଲା ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବ'

**କଟକ(ଏନ୍.ଏମ୍.):** ରାଜ୍ୟରେ ମୋ ସରକାର କାର୍ଯ୍ୟକ୍ରମ ଏବଂ ୫-ଟି ଆଧାରରେ କାର୍ଯ୍ୟ ସମ୍ପାଦନ ହେଉଥିବା ପରିପ୍ରେକ୍ଷୀରେ ଜିଲ୍ଲାରେ ଏହାର କିପରି ସଫଳ ରୂପାୟନ ହୋଇପାରିବ କିଭଳି ଜନସାଧାରଣ ଉପଯୁକ୍ତ ସରକାରୀ ସେବା ଉପଲବ୍ଧ ହୋଇ ପାରିବେ ସେ ନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଭବାନୀଶଙ୍କର ଚୟନୀ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକରେ ଆଲୋଚନା କରିଥିଲେ। ମାନସିକସ୍ତରରେ ସେବା ମନବୃତ୍ତି ରଖି ଜିଲ୍ଲାର ସବୁ ଅଧିକାରୀ ଓ କର୍ମଚାରୀ ସାମର୍ଥ୍ୟଅନୁସାରେ କାର୍ଯ୍ୟ କରିପାରିବେ ସେ ଦିଗରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିବଲେ। ନୂତନବର୍ଷ ପ୍ରାରମ୍ଭରୁ ଏକ ସଙ୍କଳ୍ପିତ ମନୋଭାବ ନେଇ ଜିଲ୍ଲାପାଳ ମୁଖ୍ୟତଃ ୫ଗୋଟି ଦିଗର ପ୍ରାଥମିକତା ପ୍ରଦାନ କରି କହିଲେ ଯେ, ପ୍ରତ୍ୟେକ ଦିନ ପ୍ରତ୍ୟେକ କର୍ମଚାରୀ ଓ ଅଧିକାରୀ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରିବା ସହ ଯେ କୌଣସି କାର୍ଯ୍ୟ ନେଇ ଆସିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ନିଜସ୍ୱ ବିଭାଗ ବ୍ୟତୀତ ଅନ୍ୟ ବିଭାଗ କାର୍ଯ୍ୟ ପାଇଁ ଆସିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ନିଜର ନିର୍ଦ୍ଧାରିତ କାର୍ଯ୍ୟ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟରେ ନିୟୋଜିତ ହେବା, ଧାର୍ଯ୍ୟ ଲକ୍ଷ୍ୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସହ ସକରାତ୍ମକ ମନୋଭାବ, ସହାସ୍ୟ ବଦନତା, କର୍ମତତ୍ପର ଓ ପ୍ରକମ୍ପିତ ହୋଇ ଅଧିକାରୀ ଓ କର୍ମଚାରୀମାନେ ନିଜକୁ ନିୟୋଜିତ ରଖି କାର୍ଯ୍ୟ କରି ପାରିଲେ କଟକ ଜିଲ୍ଲା ସମଗ୍ର ରାଜ୍ୟରେ ସମସ୍ତ ଦିଗରେ ସଫଳତା ପାଇ ପାରିବା ସହ କାର୍ଯ୍ୟ ଶୈଳୀରେ ନୂତନତା ଅବଲମ୍ବନ କରିପାରିବ। ଏଥି ସହିତ ସବୁ ବର୍ଗର କର୍ମଚାରୀମାନେ ନିଜର ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ମନେବୃତ୍ତି ରଖି କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତଥିଲେ।



### ନାଲକୋର ୪୧ତମ ପ୍ରତିଷ୍ଠା ଉତ୍ସବ

# ନାଲକୋରେ ୩୦ହଜାର କୋଟି ଟଙ୍କା ପୁଞ୍ଜିନିବେଶ ହେବ: ପ୍ରହ୍ଲାଦ ଯୋଶୀ




**ଭୁବନେଶ୍ୱର(ଏନ୍.ଏମ୍.):** ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ନବରତ୍ନ କମ୍ପାନୀ ନାଲ୍‌କୋର ସମ୍ପ୍ରସାରଣ ଓ ବିବିଧାୟନ ଯୋଜନାରେ ୩୦ ହଜାର କୋଟି ଟଙ୍କା ନିବେଶ ହେବ। ଆଗାମୀ ୨୦୨୭-୨୮ ବର୍ଷ ଶେଷ ସୁଦ୍ଧା ଏହି ରାଶି ଖର୍ଚ୍ଚ ହୋଇ ଭିତ୍ତିଭୂମି ବିକାଶ ହେବ। ଗତ ୭ତାରିଖ ଗୁରୁବାର ଭୁବନେଶ୍ୱରଠାରେ ନାଲ୍‌କୋର ୪୧ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହା କହିଛନ୍ତି। ସେ କହିଲେ ଯେ, ଏହି ୩୦ ହଜାର କୋଟି ଟଙ୍କା ମଧ୍ୟରୁ ୭ ହଜାର କୋଟିରୁ ଅଧିକ ଟଙ୍କା ପଞ୍ଚମ ଷ୍ଟ୍ରିମ ରିଫାଇନାରୀ, ପଟାଙ୍ଗୀ ବକ୍ସାଇଟ୍ ଖଣିର ବିକାଶ, ସାଉଥ ବ୍ଲକ୍ ଓ ଉତ୍କଳ ଡି' ଏବଂ ଇ' କୋଇଲା ଖଣିରୁ କୋଇଲା ଉତ୍ତୋଳନ ତଥା ପରିବହନ କାର୍ଯ୍ୟ ଆଦି ପାଇଁ ଖର୍ଚ୍ଚ ହେବ। ଅବଶିଷ୍ଟ ୨୨ ହଜାର କୋଟି ଟଙ୍କା ଅନୁଗୁଳସ୍ଥିତ ସ୍ମେଲଟର ପ୍ଲାଣ୍ଟ, କ୍ୟାପଟିଭ୍ ପାୱାର ପ୍ଲାଣ୍ଟର ସମ୍ପ୍ରସାରଣ କ୍ଷେତ୍ରରେ ଖର୍ଚ୍ଚ କରାଯିବ। ଏଥିରେ ୧୪୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ କେନ୍ଦ୍ର ନିର୍ମାଣ ସହିତ ଏହାର୍ ଫିଡର ବ୍ୟବସ୍ଥା କରାଯିବ। ସେ ପୁଣି କହିଛନ୍ତି ଯେ, କେନ୍ଦ୍ର ସରକାର ଖଣିଜ ସମୃଦ୍ଧ ଓଡ଼ିଶାକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର କେତେକ ଆଇନକୁ ସଂଶୋଧନ କରିବେ। ଏହା ଫଳରେ ଖଣିଜ ପଦାର୍ଥର ଉତ୍ତୋଳନ ସୁଗମ ଓ ସୁନିଶ୍ଚିତ ହୋଇପାରିବ। ଆହୁରି ମଧ୍ୟ ଖଣି ଗୁଡ଼ିକର ନିଲାମରେ ଉପରଠାଉରିଆ ନିଲାମଧାରୀମାନେ ଯେପରି ଅଂଶଗ୍ରହଣ କରି ନପାରନ୍ତି ସେଥିପାଇଁ ମଧ୍ୟ ପଦକ୍ଷେପ ନିଆଯିବ ଓ ସେମାନଙ୍କୁ ଏଥିରୁ ବାଦ ଦିଆଯିବ। ଓଡ଼ିଶାରେ ସ୍ୱତନ୍ତ୍ରଭାବେ ଲୁହାପଥର ଉତ୍ତୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ପଦକ୍ଷେପ ନେଉଛୁ। ଏମ୍‌ଏମ୍‌ଡିଆର ୨୦୧୫ ଆଇନରେ ସଂଶୋଧନ କରାଯାଇ ଖଣି ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ଖଣିଗୁଡିକର ଆବଣ୍ଟନ ପାଇଁ ନୂଆ ନିଲାମ ବ୍ୟବସ୍ଥା କରାଯାଇଥିଲା। ଏହି ନୂଆ ନୀତି ଓ ବିଧିବ୍ୟବସ୍ଥା କାର୍ଯ୍ୟକାରୀ ହେବା ବେଳକୁ ଦେଶର ୪୬ଟି ଖଣିର ଲିଜ୍ ମିଆଦ ୨୦୨୦ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଥିଲା। ସେଥିମଧ୍ୟରେ ସର୍ବାଧିକ ଖଣି ଓଡ଼ିଶାରେ ରହିଛି। ତେଣୁ ଏହି ଖଣିଜ ଉତ୍ପାଦନ ପ୍ରକ୍ରିୟାକୁ ଅବ୍ୟାହତ ରଖିବା ପାଇଁ କେନ୍ଦ୍ର ସରକାର ଏହି ନୂଆ ସଂଶୋଧିତ ଖଣି ଆଇନ ୨୦୨୦କୁ ଏକ ଅଧ୍ୟାଦେଶ ମାଧ୍ୟମରେ ଆଣିଥିଲେ। ଜାନୁୟାରୀ ୨୦୨୦ରେ ଜାରି ହୋଇଥିବା ଏହି ଅଧ୍ୟାଦେଶ ଅନୁସାରେ ରାଜ୍ୟ ସରକାରମାନେ ନିଜ ରାଜ୍ୟରେ ଥିବା ଖଣିଗୁଡିକର ନିଲାମ ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ଶ୍ରୀ ଯୋଶୀ କହିଛନ୍ତି ଆହୁରି କହିଲେ ଯେ, ନାଲ୍‌କୋ ଓଡ଼ିଶା ସରକାରଙ୍କ ସହଯୋଗରେ ଅନୁଗୁଳଠାରେ ଏକ ବିଶ୍ୱସ୍ତରୀୟ ଆଲୁମିନିୟମ ପାର୍କ ପ୍ରତିଷ୍ଠା କରୁଛି। ଏହା ସ୍ମେଲଟର ପ୍ଲାଣ୍ଟଠାରୁ ଅଳ୍ପ ଦୂରରେ ଅବସ୍ଥିତ। ଅନୁସାରୀ ଶିଳ୍ପସଂସ୍ଥା ଓ ନିକଟବର୍ତ୍ତୀ ଛୋଟ ଛୋଟ ଉଦ୍ୟୋଗକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପାର୍କ ପ୍ରତିଷ୍ଠା କରାଯାଇଛି। ଏହା ଫଳରେ ସେହି ଅଞ୍ଚଳରେ ନିଯୁକ୍ତି ସୁବିଧା ବଢ଼ିବ ଏବଂ ସ୍ଥାନୀୟ ଉଦ୍ୟୋଗ ଲାଭବାନ ହୋଇପାରିବେ। ନାଲ୍‌କୋ ଭବିଷ୍ୟତ ପାଇଁ ଏକ ଉଚ୍ଚାଭିଳାଷୀ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିଛି। ଉତ୍ପାଦନ ବୃଦ୍ଧି କରିବା ସହ ଉତ୍ତମମାନର ଆଲୁମିନା ଓ ଆଲୁମିନିୟମ ଯୋଗାଇ ନାଲ୍‌କୋ ଏ କ୍ଷେତ୍ରରେ ନୂଆ ଉପଲବ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଆଲୁମିନିୟମର ଉତ୍ପାଦନ ବୃଦ୍ଧି ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଧାତୁର ବ୍ୟବହାରକୁ ବଢ଼ାଇବା ପାଇଁ ମଧ୍ୟ କମ୍ପାନୀ ପ୍ରଯତ୍ନଶୀଳ। ଏହାଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ କହିଛନ୍ତି। ଭାରତ ସରକାରଙ୍କ ନବରତ୍ନ ମାନ୍ୟତାପ୍ରାପ୍ତ କମ୍ପାନୀ ନାଲ୍‌କୋ ଏସିଆର ସର୍ବବୃହତ୍ ସମନ୍ୱିତ ବକ୍ସାଇଟ-ଆଲୁମିନା-ଆଲୁମିନିୟମ-ବିଜୁଳି କମ୍ପ୍ଲେକ୍ସ। ଦେଶର ବକ୍ସାଇଟ ଉତ୍ପାଦନରେ ନାଲ୍‌କୋର ଅବଦାନ ୩୨ ପ୍ରତିଶତ। ସେହିଭଳି ଭାରତର ମୋଟ ଆଲୁମିନା ଉତ୍ପାଦନର ୩୩ ଭାଗ ଏବଂ ଆଲୁମିନିୟମ ଉତ୍ପାଦନର ୧୨ ପ୍ରତିଶତ ନାଲ୍‌କୋ ଦ୍ୱାରା ହୋଇଥାଏ। ସ୍ୱଳ୍ପ ମୂଲ୍ୟରେ ଆଲୁମିନା ଏବଂ ବକ୍ସାଇଟ୍ ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋ ବିଶ୍ୱର ୧ ନମ୍ବର କମ୍ପାନୀଭାବେ ମାନ୍ୟତା ପାଇଥିବା ବେଳେ ପୃଥିବୀର ୧୫ରୁ ଅଧିକ ଦେଶରେ ନାଲ୍‌କୋର କାରବାର ରହିଛି। ଏହି ଉତ୍ସବରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ



**ବାଲିଅନ୍ତା (ଏନ୍.ଏମ୍.):** ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଆୟୋଜିତ ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିବା ଜଣାପଡ଼ିଛି। ସମିତି ଅଧ୍ୟକ୍ଷା ସୁଚିତ୍ରା ଜେନାମଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ-ସଭ୍ୟା, ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷାଙ୍କ ଅଭିଭାଷଣ ପରେ ପୂର୍ବ ସଭାର ବିବରଣୀ ପାଠ କରାଯାଇଥିଲା। ଏହାକୁ ଦୃଢ଼ୀକରଣ କରିବା ପାଇଁ ଅଧ୍ୟକ୍ଷା ପ୍ରସ୍ତାବ ରଖିବାରେ ସରକଣା ସରପଞ୍ଚ ସୂର୍ଯ୍ୟନାରାୟଣ ଦାସ ବିରୋଧ କରିଥିଲେ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ସମିତିରେ କୌଣସି କାର୍ଯ୍ୟ ସଦସ୍ୟ-ସଦସ୍ୟାଙ୍କ ପ୍ରସ୍ତାବରେ ଗୃହିତ ହୋଇ ନାହିଁ। ବିଭିନ୍ନ ପ୍ରକଳ୍ପର ବଳକା ଅର୍ଥର ବିନିଯୋଗ ପାଇଁ ଅନେକବାର ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସମିତି ବିବରଣୀରେ ତାହାକୁ ସ୍ଥାନ ଦିଆଯାଇନଥିବାରୁ ୭ମ ବୈଠକରେ ରେଗୁଲେସନ କପିକୁ ସଭାରେ ସମସ୍ତଙ୍କ ସମ୍ମୁଖରେ ଚିରି ଦେଇଥିଲେ। ଏପରିକୁ ଏହାକୁ ପାରିତ ନକରିବା ପାଇଁ ଦାବି କରିଥିଲେ। ଯାହାକୁ ଅଧିକାଂଶ ସଦସ୍ୟ ସମର୍ଥନ କରିଥିଲେ। ସତ୍ୟଭାମାପୁର ସରପଞ୍ଚ ଉମାକାନ୍ତ ଆଚାର୍ଯ୍ୟ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ରହିଥିବାବେଳେ କେତେକ ସମୟରେ କାର୍ଯ୍ୟରତ ଡାକ୍ତର ଅନୁପସ୍ଥିତ ଓ ଦୁଇଗୋଟି ବିଭାଗର ସ୍ପେଶାଲିଷ୍ଟ ନଥିବା ଅଭିଯୋଗ କରିଥିଲେ। ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବିଭାଗର ଅଧିକାରୀମାନଙ୍କୁ ସଭ୍ୟମାନେ ବିଭିନ୍ନ ପ୍ରଶ୍ନ କରିଥିଲେ। ସର୍ବୋପରି ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ଓ ବିଡ଼ିଓଙ୍କ ଏକତରଫା କାର୍ଯ୍ୟକଳାପକୁ କେତେକ ଜନ ପ୍ରତିନିଧିମାନେ ନାପସନ୍ଦ କରିଥିଲେ।

# 'ପୋଚ' ଉପରେ ଲାଗୁଥିବା 'ଅବକାରୀ ଡ୍ୟୁଟି'କୁ ବିରୋଧ କରି ମାମଲା

**କଟକ(ଏନ୍.ଏମ୍.):** ଆଖୁ ରସ 'ପୋଚ' ଉପରେ ଲାଗୁ କରାଯାଉଥିବା 'ଅବକାରୀ ଡ୍ୟୁଟି'କୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଗୋଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥା କିଶାନ ଇଣ୍ଡଷ୍ଟ୍ରିଜ୍‌ର ପ୍ରୋପାଇଟର୍ ଗଜେନ୍ଦ୍ର ଅଗ୍ରୱାଲଙ୍କ ପକ୍ଷରୁ ହାଇକୋର୍ଟରେ ଏପରି ମାମଲା ରୁଜୁ କରାଯାଇଛି। ଏଥିରେ ପୋଚକୁ ଅବକାରୀ ଡ୍ୟୁଟି ମୁକ୍ତ କରିବାକୁ ଆବେଦନ କରାଯାଇଛି। ଏହି ମାମଲାରେ ଦୁହାଯାଇଛି ଯେ ଆଖୁ ରସରୁ ପୋଚ ତିଆରି କରାଯାଇଥାଏ। ଏହାକୁ ଅବକାରୀ ଆଇନରେ 'ନିଶାଦ୍ରବ୍ୟ' ଭାବେ ଗ୍ରହଣ କରାଯାଇଛି। ଏହି ଆଧାରରେ ପୋଚ ଉପରେ ଅବକାରୀ ଡ୍ୟୁଟି' ଲାଗୁ କରାଯାଉଛି। ଏହି ପୋଚ ମଧ୍ୟ ଗୋରୁ ଖାଦ୍ୟ, କୁକୁଡା ଖାଦ୍ୟ ଏବଂ ମାଛଙ୍କ ଖାଦ୍ୟ ତିଆରିରେ ବ୍ୟବହାର ହୋଇଥାଏ। ଜଣେ ଗୋଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥାର ମୁଖ୍ୟ ଭାବେ ତାଙ୍କୁ ଏଥି ପାଇଁ ଅବକାରୀ ଡ୍ୟୁଟି ଦେବାକୁ ପଡୁଛି। ଏଥିପୂର୍ବରୁ ଅଦାଲତ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ପୋଚକୁ ଅବକାରୀ ଡ୍ୟୁଟି ମୁକ୍ତ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଅବକାରୀ ଡ୍ୟୁଟି ଆଦାୟ କରାଯାଉଛି ବୋଲି ଅଭିଯୋଗ କରାଯାଉଛି। ଏ ସମ୍ପର୍କରେ ସେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ମଧ୍ୟ ହାଇକୋର୍ଟଙ୍କ ଆଦେଶକୁ ପାଳନ କରାଯାଉନଥିବାରୁ ସେ ମାମଲା ରୁଜୁ କରିଛନ୍ତି। ରୁଜୁ ମାମଲାରେ ସେ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ସଚିବ, ଅବକାରୀ କମିଶନରଙ୍କୁ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# ରାଜ୍ୟରେ ବନ୍ଦ ହେଲା ୨୯ଟି ଘରୋଇ କୋଭିଡ ହସ୍ପିଟାଲ

**ଭୁବନେଶ୍ୱର,(ଏନ୍.ଏମ୍):** ସମ୍ପ୍ରତି ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଖୋଲାଯାଇଥିବା କେତେକ କୋଭିଡ ହସ୍ପିଟାଲକୁ ସରକାର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କରୋନା ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଲାଗି ୩୧ଟି ଘରୋଇ ହସ୍ପିଟାଲକୁ ସରକାର ଅନୁମତି ପ୍ରଦାନ କରିଥିଲେ। ମାତ୍ର ଏବେ ସେଥିରୁ କେବଳ ୨ଟି ମେଡିକାଲ ଆଦିତ୍ୟ ଅଶ୍ୱିନୀ ଏବଂ ସମ୍‌କୁ ବାଦ୍‌ଦେଲେ ସରକାର ଅବଶିଷ୍ଟ ମେଡିକାଲର ଅନୁମତି ପ୍ରତ୍ୟାହାର କରି ନେଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ସମ୍ପୃକ୍ତ ୨ଟି ମେଡିକାଲକୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି। ସେଠାରେ କେବଳ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯିବ। ଏନେଇ ରାଜ୍ୟ ସରକାରଙ୍କ କରୋନା ମ୍ୟାନେଜ୍‌ମେଣ୍ଟ ଟେକ୍ନିକାଲ କମିଟି ନିଷ୍ପତ୍ତି ନେଇଛି। ଯେଉଁ ଆକ୍ରାନ୍ତ ବ୍ୟକ୍ତି ଡିସେମ୍ବର ୩୧ ପୂର୍ବରୁ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ଚିକିତ୍ସା କେବଳ ଜାରି ରହିବ। ଜାନୁଆରୀ ୧ରୁ ସମସ୍ତ କୋଭିଡ୍ କେୟାର ସେଣ୍ଟର, କରୋନା କେୟାର ହୋମ୍‌କୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ କଟକ ଏସ୍‌ସିବି ମେଡିକାଲରେ କାଜୁଆଲଟି ଏବଂ ଟ୍ରମାକେୟାର ଲାଗି ୩୦ଟି ଶଯ୍ୟା ପ୍ରସ୍ତୁତ ହେଉଛି। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ୩୦ଟି ସରକାରୀ ହସ୍ପିଟାଲକୁ ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ରାଜ୍ୟରେ କରୋନା ରୋଗୀଙ୍କ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଘରୋଇ ହସ୍ପିଟାଲକୁ କୋଭିଡ ଚିକିତ୍ସା କରିବାକୁ ଅନୁମତି ଦେଇଥିଲେ।

# ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିନଥିବା ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ସୂଚନା

**କଟକ(ଏନ୍.ଏମ୍.):** ସନ୍ଦିଗ୍ଧ ବାର୍ଡ଼ ଫ୍ଲୁ ରୋଗ ସଂକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ରୋଗ ନିୟନ୍ତ୍ରଣ ଓ ନିରୀକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସତର୍କ କରାଇ ଦିଆଯାଇଛି। ବହିରାଗତ ପକ୍ଷୀମାନେ ଏହି ରୋଗର ବାହକ ହୋଇଥିବାରୁ ସେମାନଙ୍କ ମଳ, ଖାଦ୍ୟ ଓ ପିଇବା ପାଣିଦ୍ୱାରା ଏହା ବ୍ୟାପିଥାଏ। ଓଡ଼ିଶାର ଚିଲିକା, ଅଂଶୁପା ହ୍ରଦ, ଭିତରକନିକା ବନ୍ୟଜନ୍ତୁ ଅଭୟାରଣ୍ୟ ଓ ହୀରାକୁଦ ଡ୍ୟାମକୁ ବହିରାଗତ ପକ୍ଷୀମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏହାକୁ ଆଖିଆଗରେ ରଖି ଏହି ସ୍ଥାନମାନଙ୍କରେ ପକ୍ଷୀମାନଙ୍କ ବ୍ୟବହାର ଓ କୌଣସି ଅସ୍ୱାଭାବିକ ମୃତ୍ୟୁ ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି। ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ବାର୍ଡ ଫ୍ଲୁ ସମ୍ବନ୍ଧୀୟ ପ୍ରସ୍ତୁତି, ନିୟନ୍ତ୍ରଣ ଓ ନିରୋଧ କାର୍ଯ୍ୟାନ୍ୱୟନ ଯୋଜନା ସହ ମାନକ କାର୍ଯ୍ୟ ସମ୍ପାଦକ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇ ଏହାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପକ୍ଷୀମାନଙ୍କର ରକ୍ତ, ଲାଳ, ନାଜାଲ ସ୍ରାବ, କ୍ଲୋଆକାଲ ସ୍ରାବ ଓ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ରାଜ୍ୟସ୍ତରରେ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଆଞ୍ଚଳିକସ୍ତରରେ ରୋଗ ନିରୀକ୍ଷଣ ପରୀକ୍ଷାଗାର ତଥା ରାଜ୍ୟ ପ୍ରାଣୀରୋଗ ପରୀକ୍ଷାଗାର ଏବଂ ଜିଲ୍ଲାସ୍ତରରେ ପ୍ରାଣୀରୋଗ ନିରୂପଣ ପରୀକ୍ଷାଗାର ଗୁଡ଼ିକୁ ପୂର୍ଣ୍ଣ କ୍ଷମତା ସହ ନମୁନା ପରୀକ୍ଷର କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଲକାତା ଠାରେ ଥିବା ଆଞ୍ଚଳିକ ପ୍ରାଣୀରୋଗ ନିରୂପଣ ପରୀକ୍ଷାଗାରକୁ ମଧ୍ୟ ନମୁନା ପ୍ରେରଣ କରାଯାଉଛି। ସାମ୍ପ୍ରତିକ ବହିରାଗତ ପକ୍ଷୀ ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୧୧ହଜାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇସାରିଛି। ତେବେ କୌଣସି ଟିରେ ଏହି ରୋଗ ପ୍ରକାଶ ପାଇ ନାହିଁ। ଆଜି ପ୍ରାୟ ୩୦୦ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି।

ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ କଟକ ଠାରେ ଯୁଗ୍ମ ନିର୍ଦ୍ଦେଶକ (ରୋଗ ନିୟନ୍ତ୍ରକ)ଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷ (ଫୋନ ନମ୍ବର ୦୬୭୧-୨୪୧୪୩୧୦ରେ କାର୍ଯ୍ୟ କରୁଛି। ଏହା ସହିତ ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ତଥ୍ୟ ନିମନ୍ତେ ନିର୍ଦ୍ଦେଶାଳୟର ଡାକ୍ତର ବିଭୁରଞ୍ଜନ ଦାସ(ମୋବାଇଲ ନମ୍ବର ୭୯୭୮୨୦୬୪୦୪, ଡାକ୍ତର ସାଗରିକା ବେହେରା ମୋବାଇଲ ନମ୍ବର ୭୯୭୮୧୦୫୫୩୮ ଓ ଡାକ୍ତର ମଦନ ମୋହନ ମହାପାତ୍ର (ମୋବାଇଲ ନମ୍ବର ୯୪୩୭୩୧୩୧୮୩)ଙ୍କୁ ଜନସାଧାରଣ ଯୋଗାଯୋଗ କରିପାରିବେ। ରାଜ୍ୟର ଜନସାଧାରଣ, ଚାଷୀ, କୁକ୍କୁଟ ପାଳନ ଉଦ୍ୟୋଗୀ ଏବଂ କୁକ୍କୁଟଜାତ ଦ୍ରବ୍ୟର ବ୍ୟବସାୟୀମାନେ ପକ୍ଷୀମଡ଼କ ବିଷୟରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ କିମ୍ବା ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଇଛି। ବାର୍ଡ଼ ଫ୍ଲୁ (ଆଭିଆନ ଇନଫ୍ଲୁଏଞ୍ଜା) ସନ୍ଦେହ କରାଯାଉଥିବା କୌଣସି ସ୍ଥାନକୁ ତୁରନ୍ତ ଗସ୍ତ କରିବା ନିମନ୍ତେ ରାଜ୍ୟସ୍ତରରେ ୯ଟି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ନିଯୁକ୍ତ କରାଯାଇଛି। ଏଥି ନିମନ୍ତେ ପ୍ରତି ଜିଲ୍ଲାସ୍ତରେ ମଧ୍ୟ ୧୦ରୁ୧୫ଟି ଦ୍ରୁତ କାର୍ଯ୍ୟକାରୀ ଦଳ ଗଠନ କରିବା ନିମନ୍ତେ ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଉତ୍ପାଦିତ କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟଜାତ ଦ୍ରବ୍ୟ ଖାଇବା ସମ୍ପୂର୍ଣ୍ଣ ସୁରକ୍ଷିତ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ସମୟରେ ଭଲଭାବେ ସିଝାଇ ଖାଇବା ଉଚିତ ବୋଲି ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଖୋର୍ଦ୍ଧାଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ପଞ୍ଚାୟତର ଗୋବିନ୍ଦ ପୁର ଗ୍ରାମରେ ୧୨୦ଟି କୁକୁଡ଼ାଙ୍କ ମୃତ୍ୟୁ ହେବାର ରିପୋର୍ଟ ପହଞ୍ଚିଛି। ଖବର ପାଇବା ପରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପର୍ଯ୍ୟପେକ୍ଷକ ଦଳ ଓ ଜିଲ୍ଲା ସ୍ତରୀୟ ଦ୍ରୁତ କାର୍ଯ୍ୟକାରୀ ଦଳ ସଦସ୍ୟମାନେ ତୁରନ୍ତ ସେଠାରେ ପହଞ୍ଚି କାର୍ଯ୍ୟଆରମ୍ଭ କରିଥିଲେ। ମୃତ କୁକୁଡା ମଧ୍ୟରୁ ୫ଟିକୁ ପରୀକ୍ଷଣ ନିମନ୍ତେ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା କଟକକୁ ଅଣାଯାଇଥିଲା। ତେବେ ଆଭିଆନ ଇନଫ୍ଲୁଏଞ୍ଜା ଆଣ୍ଟିଜେନ ଟେଷ୍ଟ ଦ୍ୱାରା ସମସ୍ତ ୫ଟି ଯାକ ନମୁନାର ପରୀକ୍ଷଣ କରାଯାଇଥିଲା। ହେଲେ କୌଣସି ଠାରେ ଏହି ରୋଗ ପ୍ରକାଶ ପାଇନାହିଁ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ନେଇ ବେନାମୀ ଚିଠି



**ଭୁବନେଶ୍ୱର(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ହୋଇଛି ବୋଲି ନବୀନ ନିବାସକୁ ଏକ ବେନାମୀ ଚିଠି ଆସିଛି। ସେଥିପାଇଁ ଗୃହ ବିଭାଗ ପକ୍ଷରୁ ପୁଲିସ ଡିଜିଙ୍କୁ ଚିଠି ଲେଖାଯାଇ ନବୀନ ନିବାସ ଓ ଲୋକସଭା ଭବନର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନବୀନ ନିବାସରେ ପହଞ୍ଚିଥିବା ଏହି ବେନାମୀ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ସତର୍କ ରହିବାକୁ ସଂପୃକ୍ତ ବ୍ୟକ୍ତି ପରାମର୍ଶ ଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଚିଠିରେ ସମ୍ପୃକ୍ତ ବ୍ୟକ୍ତି ଅପରାଧୀମାନେ ଏକେ-୪୭ ବ୍ୟବହାର କରୁଥିବା ଦର୍ଶାଇଛି। ଏପରିକି ଏଥିପାଇଁ ସୁପାରିକିଲର ନିୟୋଜିତ କରିଥିବା କଥା କୁହାଯାଇଛି। କ୍ରିମିନାଲମାନେ ସତରଟି କାର୍ ବ୍ୟବହାର କରୁଛନ୍ତି। ଏହି କାରଗୁଡ଼ିକର ନମ୍ବର ମଧ୍ୟ ଚିଠିରେ ଦର୍ଶାଯାଇଛି। କାରଗୁଡ଼ିକ ଓଡ଼ିଶା ସମେତ ପଶ୍ଚିମବଙ୍ଗ ପଞ୍ଜାବ, ମହାରାଷ୍ଟ୍ର, ଛତିଶଗଡ଼, ଦିଲ୍ଲୀ ଓ ହରିଆନାରୁ ଥିବା ଚିଠିରୁ ଜଣାପଡ଼ିଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଡଃ ସନ୍ତୋଷ ବାଲା ଜାନୁଆରୀ ୫ରେ ପୁଲିସ୍ ମହାନିର୍ଦ୍ଦେଶକ(ଡିଜି)ଙ୍କ ସମେତ ପୁଲିସ ଆଇଜି, ଗୁଇନ୍ଦା ନିର୍ଦ୍ଦେଶକ ଓ କମିଶନେରେଟ ପୁଲିସକୁ ଚିଠି ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। କିଛି ସୁରାକ୍ ମିଳିଲେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୂପ ଭାବେ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ଲୋକସେବା ଭବନ ସମେତ ତାଙ୍କ ବାସଭବନ ଚତୁଃପାର୍ଶ୍ୱରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଏବେ ସେଭଳି ଏକ ଧମକପୂର୍ଣ୍ଣ ଚିଠି ଆସିବା ପରେ ଗୃହ ବିଭାଗ ପୁଣି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି କରିଛି।

# କଟକ ରିଂ ରୋଡର ଉନ୍ନୟନ ନିମନ୍ତେ ଆରଡିସିଙ୍କ ସମୀକ୍ଷା



**କଟକ(ଏନ୍.ଏମ୍.):** କଟକରେ ଚାଲିଥିବା ରିଂରୋଡର ଉନ୍ନୟନ ନିମନ୍ତେ ରାଜସ୍ୱ ଆୟୁକ୍ତ ସମୀକ୍ଷା କରିଛନ୍ତି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ କାର୍ଯ୍ୟାଳୟରେ ଆରଡିସି ଅନୀଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କଟକର ରିଂରୋଡ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରିଂ ରୋଡକୁ ୬ଥାକିଆ କରାଯିବା ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ଦ୍ୱାରା ରାଜ୍ୟ ଯୋଜନାରେ ସ୍ଥିରୀକୃତ ହୋଇଥିବାବେଳେ ବର୍ତ୍ତମାନର ସ୍ଥିତି ଓ ତାହାର ବିଭାଗୀୟ ସମନ୍ୱୟ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ସହରକୁ ଆଧୁନିକରଣ କରି ଏକ ନୂଆ ରୂପ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଖାନନଗର ଠାରେ ପ୍ରସ୍ତାବିତ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ବିଶ୍ୱନାଥ ପଣ୍ଡିତ ପାଠାଗାର ଓ ନର୍ସରୀ ତଥା ଅନ୍ୟଅବରୋଧକୁ ମୁକ୍ତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏସ.ଏନ କନ୍ସଲଟାଣ୍ଟ ପକ୍ଷରୁ ତାଳଦଣ୍ଡା କେନାଲ ରୋଡର ପ୍ରସସ୍ଥିକରଣ ପରିପ୍ରେକ୍ଷୀରେ ରେଲୱେ ବ୍ରିଜ ଓ ଜାତୀୟ ରାଜପଥ ନିକଟ ଜଙ୍କସନରେ ତାର ପ୍ରତି ରୂପ ବିସ୍ତୃତ ପ୍ରକଳ୍ପ ବିବରଣୀ(ଡିପିଆର) ଉପସ୍ଥାପନ କରିଥିଲେ। ସେହିଭଳି ନିୟୁଜେନ କନ୍ସଲଟାଣ୍ଟ ପକ୍ଷରୁ ଶିଖରପୁର ଚହଟା ରିଂ ରୋଡର ପ୍ରସସ୍ଥିକରଣ ଓ ଖାନନଗରରୁ ଲିଙ୍କ ରୋଡ ରାସ୍ତା ପ୍ରସସ୍ଥିକରଣ ବିସ୍ତୃତ ବିବରଣୀ ମଧ୍ୟ ବୈଠକରେ ଉପସ୍ଥାପନ କରାଯାଇଥିଲା। ଆରଡିସି ଶ୍ରୀ ସାମଲ ଭୂମି ଅଧିଗ୍ରହଣର ବର୍ତ୍ତମାନ ସ୍ଥିତି ଓ ଜଳସମ୍ପଦ ବିଭାଗର ବିଭିନ୍ନ ତଥ୍ୟ, ବିଦ୍ୟୁତ ଖୁଣ୍ଟ ଓ କେବୁଲ ସ୍ଥାନାନ୍ତିକରଣ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପାଇଁ ପୂର୍ତ୍ତ ବିଭାଗ ସହିତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ବିଭାଗୀୟ ନୋଡାଲ ଅଧିକାରୀ ନିଯୁକ୍ତି କରି ଧାର୍ଯ୍ୟ ସମୟରେ କାର୍ଯ୍ୟ ଆରମ୍ଭ ନେଇ ବିଷଦ ଆଲୋଚନା କରିଥିଲେ। ଉକ୍ତ ବୈଠକ କଟକ ଜିଲ୍ଲାପାଳ ଭବାନୀଶଙ୍କର ଚୟନୀ, ସିଏମସି କମିଶନର ଅନନ୍ୟା ଦାସ, ସ୍ୱତନ୍ତ୍ର ସଚିବ ପୂର୍ତ୍ତ ବିଭାଗ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ମୁଖ୍ୟଯନ୍ତ୍ରୀ ରାସ୍ତା, ମୁଖ୍ୟଯନ୍ତ୍ରୀ ଡିଜାଇନ, ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ, ଅଧୀକ୍ଷଣ ଯନ୍ତ୍ରୀ ଜଳସମ୍ପଦ ବିଭାଗ, ନିର୍ବାହୀ ଯାନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ, ରେଲୱେ ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ଟିପିସିଓପିଏଲର ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ।